ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

पर्यवेक्षक

Vol.26 . No.50 Bhubaneswar Tuesday March 28 2023 ୨୬ତମ ବର୍ଷ ସଂଖ୍ୟା-୫୦ ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୮, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ଶାନ୍ତିପ୍ରିୟ ରାଜ୍ୟ ଓଡିଶାର ୧୮୨୬୮ ଜଣଙ୍କୁ ବନ୍ଧୁକ ଲାଇସେନ୍ସ : ଆବଶ୍ୟକତା ନା ଥାଟବାଟ୍

ଭୁବନେଶ୍ୱର, ୨୭।୩(ପି.ଏନ): ଓଡିଶା ଶାନ୍ତିପ୍ରିୟ ରାଜ୍ୟ ବୋଲି ଦମ୍ଭୋକ୍ତି ବା ?ୁଥିବା ନବୀନ ପଟ୍ଟନାୟକ ସରକାର ରାଜ୍ୟର ୧୮୨୬୮ ଜଣଙ୍କୁ ବନ୍ଧୁକ ଲାଇସେନ୍ସ ପ୍ରଦାନ କରିଛନ୍ତି । ବ୍ୟକ୍ତିଗତ ସୁରକ୍ଷା, ବ୍ୟାଙ୍କ ସମ୍ପତ୍ତି ସୁରକ୍ଷା, କ୍ରୀଡା ଓ ଟାର୍ଗେଟ ଅଭ୍ୟାସ ନିମନ୍ତେ ଜିଲ୍ଲା ଏସପିଙ୍କ ରିପୋର୍ଟ ଆଧାରରେ ଜିଲ୍ଲାପାଳମାନେ ଏହି ବନ୍ଧୁକ ଲାଇସେନ୍ସ ଦେଇଛନ୍ତି । ମାତ୍ର ସୁବର୍ଣ୍ଣପୁର, କନ୍ଧମାଳ ଓ ଦେବଗଡ ଜିଲ୍ଲା ସମେତ ଉପକୂଳ ଓଡିଶାର ଜିଲ୍ଲାଗୁଡିକରେ ଲାଇସେନ୍ସ ପ୍ରଦାନ ପରିମାଣକୁ ଦେଖିଲେ କିଛି ଲୋକ ବନ୍ଧୁକକୁ ନିଜର ସମ୍ଭ୍ରାନ୍ତର ପ୍ରତୀକ ଭାବେ ପାଖରେ ରଖୁଥିବା ଭଳି ପ୍ରତୀତ ହେଉଛି ।ଆଜି ବିଧାନସଭାରେ ତାରପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ, ରାଜ୍ୟରେ ବେଆଇନ ବନ୍ଧୁକ କାରବାର ଦୃଷ୍ଟିକୁ ଆସିଲେ ସେମାନଙ୍କ ବିରୁଦ୍ଧରେ ଆର୍ମସ ଆକ୍ଟ-



୧୯୫୯ର ଧାରା ୨୫/୨୭ରେ ଅଭିଯୋଗ ଦାଏର କରାଯାଏ । ପୁଲିସ ପକ୍ଷରୁ ଏହି ଚୋରାକାରବାର ବିଷୟରେ ତଥ୍ୟ ସଂଗ୍ରହ କରାଯାଇ ବେଆଇନ ବନ୍ଧୁକଧାରୀ ତଥା ଏହାର ଚୋରା କାରବାର କରୁଥିବା ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ । ଏବେ ରାଜ୍ୟର ମୋଟ ୧୮୨୬୮ ଜଣଙ୍କୁ ବନ୍ଧୁକ ଲାଇସେନ୍ସ ପ୍ରଦାନ କରାଯାଇଛି । ସେମାନେ ବ୍ୟକ୍ତିଗତ ସୁରକ୍ଷା, ବ୍ୟାଙ୍କ ସମ୍ପତ୍ତି ସୁରକ୍ଷା, କ୍ରୀଡା ଓ ଟାର୍ଗେଟ ଅଭ୍ୟାସ ନିମନ୍ତେ ଜିଲ୍ଲା ଏସପିଙ୍କ ରିପୋର୍ଟ ଆଧାରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହି ବନ୍ଧୁକ ଲାଇସେନ୍ସ ପାଇଛନ୍ତି ।

## ଅଶୋକାଷ୍ଟମୀ ପାଇଁ ଖୋର୍ଦ୍ଧା ଜିଲ୍ଲାରେ ଛୁଟି ଘୋଷଣା

ଭୁବନେଶ୍ୱର, ୨୭।୩(ପି.ଏନ): ଅଶୋକାଷ୍ଟମୀ ପାଇଁ ଖୋର୍ଦ୍ଧା ଜିଲ୍ଲାରେ ଲୋକାଲ ହଲିଡେ ଘୋଷଣା କରାଯାଇଛି । ଆସନ୍ତା ୨୯ ତାରିଖ (ବୁଧବାର)କୁ କେନ୍ଦ୍ରାଂଚଳ ଆରଡିସି ଛୁଟି ଘୋଷଣା କରିଛନ୍ତି । ଲୋକାଲ ହଲିଡେ ପାଇଁ ବୁଧବାର ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସରକାରୀ ଅଫିସ ଛୁଟି ରହିବ ବୋଲି ଆରଡିସି ଘୋଷଣା କରିଛନ୍ତି ।ସୋମବାର କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ, କଟକଙ୍କ କାର୍ଯ୍ୟାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା ଯୋଗ୍ୟ ଯେ, ଓଡିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ, କ୍ୟାଲେଣ୍ଡର ବର୍ଷ ୨୦୨୩ ରେ ଖୋର୍ଦ୍ଧା ଜିଲ୍ଲାପାଇଁ ମାର୍ଚ୍ଚ ୨୯ ତାରିଖକୁ ଅଶୋକାଷ୍ଟମୀ ପର୍ବ ନିମନ୍ତେ ଗୋଟିଏ ଦିନ ସ୍ଥାନୀୟ ସରକାରୀ ଛୁଟି ଘୋଷଣା କରିଛନ୍ତି । ଏହି ବିଜ୍ଞପ୍ତି ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଉକ୍ତ ଦିନ ବନ୍ଦ ରହିବ । ଏ ସଂପର୍କରେ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ତରଫରୁ ସଂପୃକ୍ତ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଏବଂ ଜନସାଧାରଣଙ୍କ ନିମନ୍ତେ ଅବଗତ କରାଯାଇଛି ।

## ବଲାଙ୍ଗିର ଜାଲ୍ ସାର୍ଟିଫିକେଟ ରାକେଟର ପର୍ଦ୍ଦାଫାସ

ବଲାଙ୍ଗିର, ୨୭।୩(ପି.ଏନ): ବଲାଙ୍ଗିର ଜାଲ୍ ସାର୍ଟିଫିକେଟ ରାକେଟର ପର୍ଦ୍ଦାଫାସ କରିଛି ଜିଲ୍ଲା ପୋଲିସ ।ଆଜି ପୂର୍ବାହ୍ନରେ ବଲାଙ୍ଗିର ଟାଉନ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଏସପି ନୀତିନ କୁଶଲକର କହିଛନ୍ତି ଯେ, ମାମଲାରେ ଅଦ୍ୟାବଧି ୧୯ ଜଣଙ୍କୁ ଗିରଫ କରାଯାଇଛି । ରିଲାଏନ୍ସ ଏଜୁକେସନାଲ କମ୍ପ୍ଲେକ୍ସର ମାଲିକ ତଥା ଜାଲ୍ ସାର୍ଟିଫିକେଟ ରାକେଟର ମୁଖ୍ୟ ଅଭିଯୁକ୍ତ ମନୋଜ କୁମାର ମିଶ୍ର, ତାର ସହଯୋଗୀ ଆଲୋକ ଉଦ୍‌ଗାତାଙ୍କ ସମେତ ୧୯ ଜଣଙ୍କୁ ଗିରଫ କରାଯାଇଛି । ଚଢ଼ଉ ବେଳେ ସମ୍ପୃକ୍ତ ସଂସ୍ଥାରୁ ୧ ହଜାରରୁ ୫ ହଜାର ନକଲି ସାର୍ଟିଫିକେଟ ଜବତ ହୋଇଛି । ଏହା ମଧ୍ୟରେ ରହିଛି ୪୧ ୟୁନିଭରସିଟି ଓ ସ୍କୁଲର ନକଲି ସାର୍ଟିଫିକେଟ । କମ୍ପ୍ୟୁଟର, ହାର୍ଡଡିସ୍କ, ମୋବାଇଲ ଓ ଆକାଉଂଟ ଡିଟେଲ୍ସ ମିଳିଛି । ତହସିଲଦାର, ଜଏଂଟ ଡାଇରେକ୍ଟର ଭଳି ଅଧିକାରୀଙ୍କ ନକଲି ରବର ଷ୍ଟାମ୍ପ ମଧ୍ୟ ମିଳିଛି । ଏହି ରାକେଟ୍ ଗୋଟିଏ ସାର୍ଟିଫିକେଟକୁ ଦେଢ଼ ଲକ୍ଷରୁ ୨ ଲକ୍ଷ ଟଙ୍କାରେ ବିକ୍ରି କରୁଥିଲା । ଏପରିକି ଅଧିକରୁ ଅଧିକ ଗୋଟିଏ ସାର୍ଟିଫିକେଟକୁ ୫ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଥିଲା । ତେବେ ଆଗକୁ ଏନେଇ ଅଧିକ ତଦନ୍ତ ହେବ । ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହେବ । ଆଗକୁ ମାମଲାରେ ଗିରଫଦାରୀ ସଂଖ୍ୟା ବଢିପାରେ ବୋଲି ଏସପି କହିଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାରେ ୭ରୁ ୮ ବର୍ଷ ହେବ ଏହି ରାକେଟ୍ ଚାଲୁଥିଲା ବୋଲି କହିଛନ୍ତି ଏସପି ନୀତିନ କୁଶଲକର ।ଏଠାରେ ଉଲ୍ଲେଖଯୋଗ୍ୟ, ନିକଟରେ ବଲାଙ୍ଗିର ଜିଲ୍ଲାରେ ଡାକଘରେ ନିଯୁକ୍ତି ପ୍ରକ୍ରିୟାରେ ସାର୍ଟିଫିକେଟ ଭେରିଫିକେସନ ବେଳେ ଦୁଇ ଜଣଙ୍କୁ ଧରିଥିଲେ ବଲାଙ୍ଗିର ପୋଷ୍ଟାଲ ସୁପରିଟେଣ୍ଡେଂଟ ରାଜେନ୍ଦ୍ର କୁମାର ପଟ୍ଟନାୟକ । ଏନେଇ ସେ ୩୮ ଜଣଙ୍କ ନାମରେ ନକଲି ସାର୍ଟିଫିକେଟ ଦେଇଥିବା ନେଇ ବଲାଙ୍ଗିର ଟାଉନ୍ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି ପୋଲିସ ୧୪୩/୨୩ ରେ ଏକ ମାମଲା ରୁଜୁ କରିଥିଲା ।

## ଓଆରଏଚଡିସି ଦୁର୍ନୀତି ମାମଲା: ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ୩ ବର୍ଷ ଜେଲ

ଭୁବନେଶ୍ୱର, ୨୭।୩(ପି.ଏନ): ଓଆରଏଚଡିସି ଦୁର୍ନୀତି ମାମଲାରେ ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ପୁଣି ୩ ବର୍ଷ ଜେଲ ସଜା ମିଳିଛି । ବିନୋଦଙ୍କୁ ୩ ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ଭିଜିଲାନ୍ସ କୋର୍ଟ । ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡର ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ ।

## ନକ୍ସଲ ଆକ୍ରମଣରେ ସହିଦ୍ ହୋଇଥିଲେ ୧୫ ପୁଲିସ, ସବ୍ୟସାଚ୍ୀଙ୍କ ସମେତ ୩ ଖଲାସ

ଭୁବନେଶ୍ୱର, ୨୭।୩(ପି.ଏନ) : ୨୦୦୮ ନୟାଗଡ ରିଜର୍ଭ ପୁଲି ଉପରେ ନକ୍ସଲ ଆକ୍ରମଣ ଘଟଣାରେ ନକ୍ସଲ ନେତା ସବ୍ୟସାଚ୍ୀ ପଣ୍ଡାଙ୍କ ସହ ମଞ୍ଜୁଲତା ମୁଦୁଲି, ପ୍ରତାପ କିମ୍ବିକା ନିର୍ଦ୍‌ଦୋଷରେ ଖଲାସ । ୩ ଜଣଙ୍କୁ ନିର୍ଦ୍‌ଦୋଷରେ ଖଲାସ କରିଛନ୍ତି ନୟାଗଡ ଜିଲ୍ଲା ଓ ଶୈରା ଜଜ୍ । ଏନେଇ ସୂଚ୍ନା ଦେଇଛନ୍ତି ୩ ଜଣଙ୍କ ପକ୍ଷରୁ ଲ ?ୁଥିବା ଓକିଲ ଅମୀୟ ପଟ୍ଟନାୟକ ।ସୂଚ୍ନା ଥାଉକି, ନୟାଗଡ଼ ଟାଉନ ଥାନା ପାଖ ପୁରୁଣା ରିଜର୍ଭ ପୁଲିସ ଅଫିସ ଉପରେ ଆକ୍ରମଣ ଘଟଣାରେ ଟପ ନକ୍ସଲ ନେତା




ସବ୍ୟସାଚ୍ି ପଣ୍ଡା, ପ୍ରତାପ କିମ୍ବିକା, ମଞ୍ଜୁଲତା ମୁଦୁଲିଙ୍କୁ ଗିରଫ କରିଥିଲା ପୁଲିସ । ଏହି ଆକ୍ରମଣ ମାମଲାରେ ୧୫ ପୁଲିସ କର୍ମଚ୍ାରୀ ଶହୀଦ ହୋଇଥିଲେ । ଏଥିସହ ଜଣେ ସାଧାରଣ ଲୋକଙ୍କ ଜୀବନ ମଧ୍ୟ ଚ୍ାଲିଯାଇଥିଲା । ମାମଲାର ତଦନ୍ତ କରୁଥିଲା କ୍ରାଇମ୍ ବ୍ରାଞ୍ଚ ।

## ରାହୁଲ ଗାନ୍ଧୀଙ୍କ ସଦ୍ୟସତା ରଦ୍ଦ ପ୍ରସଙ୍ଗରେ କଂଗ୍ରେସ ବିଧାୟକଙ୍କ ନାରାବାଜି

### ଚାଲି ପାରିଲାନି ଗୃହ, ଅପରାହ୍ଣ ୪ଟା ଯାଏ ଗୃହ ମୁଲତବୀ

ଭୁବନେଶ୍ୱର, ୨୭।୩(ପି.ଏନ): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କର ଲୋକସଭାରୁ ସଦସ୍ୟତା ରଦ୍ଦ କରାଯିବା ପରେ ଏହାର ପ୍ରଭାବ ଓଡିଶା ବିଧାନସଭାରେ ମଧ୍ୟ ଦେଖିବାକୁ ମିଳିଛି । କଂଗ୍ରେସ ବିଧାୟକ ମାନେ କଳା ପୋଷାକ ପିନ୍ଧି ଆଜି ବିଧାନସଭାରେ ଆସିବା ପରେ ଏହି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଛନ୍ତି । ଏହି କାରଣରୁ ଆଜି ପ୍ରଥମାର୍ଦ୍ଧ ବୈଠକରେ କୌଣସି କାର୍ଯ୍ୟ ହୋଇ ପାରି ନାହିଁ । ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଓ ଶୂନ୍ୟକାଳ ଆଦି ହୋଇ ପାରି ନାହିଁ । ବାଚସ୍ପତି ବିକ୍ରମ କେଶରୀ ଆରୁଖ ପ୍ରଶ୍ନକାଳରେ କଂଗ୍ରେସ ବିଧାୟକମାନେ ହଟ୍ଟଗୋଳ କରିବାରୁ ଅପରାହ୍ଣ ୪ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି । ଆଜି ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସକାଳ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ରାହୁଲ ଗାନ୍ଧୀଙ୍କ ସଦ୍ୟସତା ରଦ୍ଦ ପ୍ରସଙ୍ଗରେ ବିଧାନସଭାରେ କଂଗ୍ରେସ ସଦସ୍ୟମାନେ ପ୍ରତିବାଦ ଜଣାଇଥିଲେ । ସେମାନେ ଗୃହକୁ କଳା ପୋଷାକ ପିନ୍ଧି ଆସି ପ୍ରତିବାଦ ଜଣାଇଥିଲେ । ଗୃହ ଭିତରେ କଂଗ୍ରେସ ବିଧାୟକମାନେ ନାରାବାଜି ଓ ହୋ-ହଲ୍ଲା କରିଥିଲେ । ସେମାନେ ବାଚସ୍ପତିଙ୍କ ପୋଡିୟମ ତଳେ ଏକଜୁଟ୍ ହୋଇ ପ୍ରତିବାଦ କରିଥିଲେ । ବାଚସ୍ପତି ବିକ୍ରମ କେଶରୀ ଆରୁଖ ସେମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ହେଲେ ତାଙ୍କର ଏହି ଅନୁରୋଧର କଂଗ୍ରେସ ବିଧାୟକ ମାନଙ୍କ ଉପରେ କୌଣସି ପ୍ରଭାବ ପଡି ନ ଥିଲା । ସେମାନେ ଗୃହ ମଧ୍ୟ ଭାଗକୁ ଯାଇ ମୋଦୀ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ । ଏହାଫଳରେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେବାରେ ଲାଗିଥିଲା । ଫଳରେ ମଧ୍ୟ ସ୍ୱାଭାବିକ ଭାବେ ଚାଲି ପାରିନଥିଲା । କଂଗ୍ରେସ ବିଧାୟକଙ୍କ ଲଗାତାର ନାରାବାଜି କାରଣରୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଅପରାହ୍ଣ ୪ଟା ଯାଏଁ ମୁଲତବୀ ଘୋଷରା କରିଥିଲେ ।

## ଆଜିଠୁ ୨ ଦିନ ଝଡ ବର୍ଷା ସମ୍ଭାବନା: ୨୯ରେ ଆଉ ଏକ ପଶ୍ଚିମା ଝଡ

ଭୁବନେଶ୍ୱର, ୨୭।୩(ପି.ଏନ): ପଶ୍ଚିମା ଝଡ଼ ପ୍ରଭାବରେ ଆଜିଠୁ ଘଡ଼ଘଡ଼ି ବର୍ଷା ସହ ଝଡ଼ ପବନ ସମ୍ଭାବନା ରହିଛି । ଆଜି ଓ କାଲି ଘଡ଼ଘଡ଼ି ସହ ବର୍ଷା, ଝଡ଼ ପବନ ବହିପାରେ । ସେହିପରି ଆସନ୍ତା ୨୯ ତାରିଖରେ ଆଉ ଏକ ପଶ୍ଚିମା ଝଡ଼ ସୃଷ୍ଟି ହେବ । ଏହାର ପ୍ରଭାବରେ ୩୦ରେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶା ଏବଂ ୩୧ରେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅପରପକ୍ଷରେ ସୋମବାର ଅପରାହ୍ନରେ ଭୁବନେଶ୍ୱର ଓ କଟକ ସମେତ ବିଭିନ୍ନ ସ୍ଥାନରେ ଝଡ ବର୍ଷା ଦେଖିବାକୁ ମିଳିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା କଟକ, ଜଗତସିଂହପୁର, ଢେଙ୍କାନାଳ, ଗଜପତି ଓ ଗଂଜାମ ଜିଲ୍ଲାର କିଛି ସ୍ଥାନରେ ଘଡଘଡି ବିଜୁ ସହ ୪୦ରୁ ୫୦ କିମି ବେଗରେ ପବନ ବହିପାରେ । ଏହି ସମୟ ମଧ୍ୟରେ ପୁରୀ , ଖୋର୍ଦ୍ଧା, ନୟାଗଡ, ମାଲକାନଗିରି , କୋରାପୁଟ, ରାୟଗଡା, କନ୍ଧମାଳ ,ବୌଦ୍ଧ , ଅନୁଗୁଳ ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୮ରୁ ୨୯ ତାରିଖ ମଧ୍ୟରେ ଗଂଜାମ, ଗଜପତି, ରାୟଗଡା, କୋରାପୁଟ, କନ୍ଧମାଳ, ନୟାଗଡ, ଅନୁଗୁଳ, ଢେଙ୍କାନାଳ ,କଟକ ଓ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ୨୦୨୪ ରଣନୀତି: ବଦଳିବେ ବିଜେଡି ଯୁବ ଓ ମହିଳା ମୁଖିଆ

ଭୁବନେଶ୍ୱର, ୨୭।୩(ପି.ଏନ): ୨୦୨୪ ସାଧାରଣ ନିର୍ବାଚ୍ନ ପାଇଁ ପରିବର୍ତ୍ତିତ ରାଜନୀତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଜେଡି ନିଜର ରଣନୀତିରେ ପରିବର୍ତ୍ତନର ପ୍ରକ୍ରିୟା ଆରମ୍ଭ କରିଛି । ଦଳ ନିଜର ସଂଗଠନକୁ ତୃଣମୂଳସ୍ତରରେ କ୍ରିୟାଶୀଳ କରିବା ନିମନ୍ତେ ଯୁବ ଓ ମହିଳା ମୁଖିଆଙ୍କୁ ପରିବର୍ତ୍ତନ କରିବାକୁ ଯୋଜନା କରିଛି । ଆଜି ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ତାଲିକା ଜାରି ହେବାପରେ ଏହାର ଆଭାସ ମିଳିଛି । ଗତ ଅ??ଇବର୍ଷ ଧରି ଯୁବ ବିଜେଡି ସଭାପତି ତଥା ଚ୍ାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ବିଭିନ୍ନ ଘଟଣାରେ ବିବାଦୀୟ ହୋଇ ଦଳ ପାଇଁ ମୁଣ୍ଡବ୍ୟଥା ବ?ାଇଥିବାବେଳେ ଯୁବ ସଂଗଠନକୁ ନିଷ୍କ୍ରିୟ କରି ରଖିଛନ୍ତି । ସେହିପରି ମହିଳା ଏସଏଚ୍‌ଜିକୁ ନିଜର ଟ୍ରମ୍ପ କାର୍ଡ ଭାବେ ନିର୍ବାଚ୍ନରେ ଉପଯୋଗ ପାଇଁ ବିଜେଡି ରଣନୀତି କରୁଥିଲେ ମଧ୍ୟ ମହିଳା ବିଜେଡି ସଭାନେତ୍ରୀ ତଥା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ନିଜ



ନିର୍ବାଚ୍ନମଣ୍ଡଳୀ ଭିତରେ ସୀମିତ ରହିଥିବାରୁ ଦଳକୁ ବିଶେଷ ଫାଇଦା ମିଳିପାରୁନି ।ମିଳିଥିବା ସୂଚ୍ନା ଅନୁସାରେ, ବିଜେପିର ପରିବର୍ତ୍ତିତ ଆକ୍ରମଣାତ୍ମକ ରଣନୀତିକୁ ଦେଖି ବିଜେଡି ଏବେଠୁ ନିଜର ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରିଛି । ବିଜେଡି ଖୁବଶୀଘ୍ର ନିଜର ଯୁବ ଓ ମହିଳା ମୁଖିଆଙ୍କୁ ପରିବର୍ତ୍ତନ କରି ନୂଆ ଯୁବ ଚେହେରାଙ୍କୁ ଆଗକୁ ଆଣିବ ବୋଲି ସୂଚ୍ନା ମିଳିଛି । ୨୦୨୦ ସେପ୍ଟେମ୍ବର ମାସରେ ବିଜେଡି ନିଜର ଯୁବ ସଭାପତି ଭାବେ ବିଧାୟକ ବ୍ୟୋମକେଶ ରାୟ ଦାୟିତ୍ୱ ନେବା ପରଠୁ ଯୁବ ସଂଗଠନକୁ ସକ୍ରିୟ କରିବା, ଯୁବବର୍ଗଙ୍କ ମଧ୍ୟରେ ଦଳ ପାଇଁ ଜୋସ୍ ବୃଦ୍ଧି କରିବା ଦିଗରେ କୌଣସି ପଦକ୍ଷେପ ନେଇପାରିନାହାନ୍ତି । ଯୁବ ସଭାପତି ଭାବେ ଏପର୍ଯ୍ୟନ୍ତ ୩୦ଟି ସାଂଗଠନିକ ଜିଲ୍ଲାକୁ ଯିବା ଅବା ସେଠାରେ ଯୁବ ସଂଗଠନ କର୍ମକର୍ତ୍ତା ଓ କର୍ମୀମାନଙ୍କ ମଧ୍ୟରେ ଥିବା ସମସ୍ୟାକୁ ବୁଝିବା ତ ଦୂରର କଥା ଓଲଟା ନିଜର ଆଚ୍ରଣ ପାଇଁ ବିବାଦରେ ରହି ଆସିଛନ୍ତି ।

## ଦୁର୍ନିତୀକୁ ନେଇ ରାଉରକେଲାରୁ ବିଧାନସଭା ଯାଏ ଅଭିଯୋଗ ହେଉଛି, ଭିଜିଲାନ୍ସ କହୁଛି ଉପରୁ ଅନୁମତି ମିଳିଲେ ମାମଲା ହେବ

ରାଉରକେଲା, ୨୭।୩(ପି.ଏନ): ରାଉରକେଲା ସହରରେ ଭିଜିଲାନ୍ସ ଅଫିସ । ସହରର ବିଭିନ୍ନ ଅଫିସରେ ଲାଂଚ ନଦେଲେ କାମ ହେଉନାହିଁ, ଅଫିସର ମାନେ ଏ ଜିଲ୍ଲାରେ ମନମାନି କରି ସରକାରୀ ଅର୍ଥକୁ ଦୁଇ ହାତରେ ଲୁଟୁଥିବାର ଲମ୍ବା ଅଭିଯୋଗ ହୋଇ ଚାଲିଛି, ହେଲେ ରାଉରକେଲା ହେଉ କିମ୍ବା କୋଇଡା ଏ ଦୁଇଟି ଯାଗାରେ ଏହି ଏସପି ଅଫିସ ହେବା ଦିନ ଠାରୁ ଗୋଟାଏ ହେଲେ ମାମଲା ହୋଇନାହିଁ, ଭିଜିଲାନ୍ସକୁ ଲୋକେ କହିବାରୁ ଉତର ମିଳୁଛି ଉପରୁ ଅନୁମତି ମିଳିଲେ ମାମଲା ହେବ । ରାଉରକେଲା ସହରରେ ୨ ବର୍ଷ ପାଖା ପାଖି ଭିଜିଲାନ୍ସର ଏସପି ଅଫିସ ହେଲା, ହେଲେ ଆଜି ଯାଏ ଜଣେ ଆଇପିଏସ ଅଧିକାରୀ ଏଠାରେ ଯୋଗଦାନ କରିନଥିବା ବେଳେ କାମ ଚଳା ବାବୁ ମାନଙ୍କୁ ଏଠାରେ ଏସପିଙ୍କ ଦାୟିତ୍ୱରେ ରଖା ଚାଲିଛି ।ରାଉରକେଲା ସମେତ କୋଇଡା ଭଳି ଯାଗାରେ ଦୁର୍ନୀତିକୁ ନେଇ ବାରମ୍ବାର ଅଭିଯୋଗ ହେବା ସତ୍ୱେ ଅଫିସ ହେବା ଦିନରୁ ଏହି ସବୁ ଅଂଚଳରେ ଗୋଟାଏ ହେଲେ ମାମଲା ହେଉ ନଥିବା ବିଷୟ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ରାଉରକେଲା ଭିଜିଲାନ୍ସ ଏସପି ଅଫିସରେ ୨ ଜଣ ଡିଏସପି ସାଙ୍ଗକୁ ଅନେକ ୩ ତାରକା, ୨ ତାରକା ଓ ୧ ତାରକା ଅଫିସର ରହିଛନ୍ତି । ତା ଛଡା ଯେଉଁ ଅଧିକାରୀ ମାନେ ଅଛନ୍ତି ସେମାନଙ୍କ ଭିତରୁ ଅନେକ ରାଉରକେଲାରେ ବହୁ ଦିନ ଥାନା ଓ ଅନ୍ୟ ଯାଗାରେ ରହିଛନ୍ତି । ଏମାନଙ୍କ ଲୋକ ସଂପର୍କ କିଛି ଖରାପ ନୁହେଁ, ହେଲେ ଲୋକ ସଂପର୍କ ଭିଜିଲାନ୍ସ କାମରେ ନଲାଗି କେଉଁ କାମରେ ଲାଗୁଛି ବୋଲି ଏଠାରେ ଥିବା ପୁରାତନ ଅଧିକାରୀ ମାନେ ପ୍ରଶ୍ନ କରୁଛନ୍ତି । ରାଉରକେଲା ପୂର୍ବରୁ ମୁନିସିପାଲିଟି ଥିଲା ଏବେ ସ୍ମାର୍ଟ ସିଟି ହେବା ସହ ଏହାର କଳେବର ବଢିଛି, ସ୍ମାର୍ଟ ସିଟି ଠାରୁ ଆରମ୍ଭ କରି ଅନେକ ଅଫିସର କଳେବର ଓ କାମ ବଢିଛି, ସେହି ତୁଳନାରେ ଦୁର୍ନୀତି ମଧ୍ୟ ବଢିଛି । ରାଉରକେଲାରୁ ୧୦୦ କିଲୋମିଟର ଦୂରରେ ଥିବା କୋଇଡା ଅଫିସର ମାନଙ୍କର କଳା ଧନ ରୋଜଗାରର ମୁଖ୍ୟ ସ୍ଥାନ କୁହାଯାଉଛି । ଖଣି ଅଫିସରେ ସକାଳୁ ରାତି ଯାଏ ଦୁର୍ନୀତି ପଇସା ହାଉଯାଉ ସାଙ୍ଗକୁ ଜଂଗଲ ବିଭଗର ବାବୁ ମାନେ ଏଠାରୁ କୋଟି ପତି ହୋଇଯାଉଛନ୍ତି । କୋଇଡା ବିଡିଓ ପଦ ହେଉଛି ପଇସାର ଖଣି ବୋଲି କୁହାଯାଏ, ଏହି ବିଡିଓ ଅଫିସ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଖୋଦ ବିଧାୟକ ବିଧାନସଭା ଠାରୁ ନେଇ କୋଇଡା ଯାଏ ହୋ ହଲ୍ଲା କରୁଛନ୍ତି, କୋଇଡା ବନ୍ଦ ହେଉଛି, ବିଡିଓ କହୁଛନ୍ତି ମୋର ଭିଟୋ ପାୱାର ରହିଛି ମୋର କେହି କିଛି କରିପାରିବେନି । ଫଳରେ ସେ ତାଙ୍କ ମା ଓ ଭାଇଙ୍କୁ ନେଇ ସେଠାରେ ଠିକାଦାରୀ ମଧ୍ୟ ଚଳାଇଛନ୍ତି, କିନ୍ତୁ ଭିଜିଲାନ୍ସ ଆଜିଯାଏ ନିରବ । ରାଉରକେଲା ମହାନଗର ଅଫିସ, ଏଠାରେ ବିନା ପିସିରେ କାମ ହେଉ ନଥିବା ବେଳେ କୋଟି କୋଟି ଟଙ୍କା ଖର୍ଚ୍ଚ ଚାଲିଛି, ସଂଧ୍ୟା ହେଲେ ଏଠି ଟଙ୍କା ହାଉଯାଉ, ପୁଳା ପୁଳା ଟଙ୍କା କାରବାର ଲମ୍ବା ଲମ୍ବା ଗାଡି, କିନ୍ତୁ ଭିଜିଲାନ୍ସ ବାବୁ ମାନଙ୍କୁ ଏଠି ଗୋଟାଏ ମାମଲା କରିବାକୁ ଅନୁମତି ମିଳୁନାହିଁ । ଠିକ ସେହିଭଳି ପୂର୍ତ୍ତ ବିଭାଗ ଅଧିନରେ ଅନେକ ପ୍ରକଳ୍ପ ଚାଲିଛି, ହଜାର ହଜାର କୋଟୀ ଟଙ୍କାର ବିଲ ଏଠି ଚାଲିଛି, କର୍ମଚାରୀ ଏଠି ପିସି ସାଙ୍ଗକୁ ମଦ ବୋତଲ ମଧ୍ୟ ନେଉଛନ୍ତି, ପୁରୁଣା କର୍ମଚାରୀ ମାନେ ଏହି ମହୁ ଫେଣାକୁ ଛାଡି ଯାଉନାହାନ୍ତି, କିଛି ଅଧିକାରୀ ଖୋଲା ଖୋଲି କହୁଛନ୍ତି ଆମ ପଛରେ ୫-ଟି ଆର୍ଶିବାଦ ରହିଛି । ଶୁକ୍ରବାର - ଶନିବାର ଦିନ ବାବୁ ମାନେ ସରକାରୀ ଗାଡିରେ ଲାଂଚ ପଇସା ଧରି କେଉଁଝର ଚାଲିଯାଉଛନ୍ତି କିନ୍ତୁ ଏଠାରେ ମଧ୍ୟ ଗୋଟାଏ ହେଲେ ମାମଲା ହୋଇପାରୁନାହିଁ । ସେହିଭଳି ଦୁଧିଆଳି ଥାନା, ଆରଟିଓ ଅଫିସ, ଫାକ୍ଟ୍ରୀ ବୟଲର ଅଫିସ, ମାପ ଓଜନ, ତହସିଲ, ଖଣି ବିଭାଗ, ବିଜୁଳି, ଜଙ୍ଗଲ ବିଭାଗ ଆଦି ଉପରେ ଭିଜିଲାନ୍ସର ଆଦୌ ନଜର ପଡୁନାହିଁ । ପାଖରେ ରହିଛି ଲାଠିକଟା ବ୍ଲକ । ଏଠାରେ ଲାଂଚ ଏକ ଆଇନରେ ପରିଣତ ହୋଇଛି ବୋଲି କୁହାଯାଉଛି । ଯୋଗାଣ ବାବୁ ମାନେ ସବୁ ଏଠି କୋଟିପତି, ବିଡିଓ ଲୁଚି ଲୁଚି ବୁଲି ଦସ୍ତଖତ କରନ୍ତି, ଇଞ୍ଜିନିୟର, ଠିକାଦାର ବାବୁ ମାନଙ୍କ ସହ ରାତିରେ ଦେଖା କରି ରାଉରକେଲା ଫେରନ୍ତି, ଫେରିବା ବେଳକୁ ଗାଡିରେ ଟଙ୍କା ହାଉଯାଉ ବୋଲି କୁହାଯାଏ, କିନ୍ତୁ ଭିଜିଲାନ୍ସ ପୁରା ଚୁପ । ପାଖରେ ରହିଛି କୁଆଁରମୁଣ୍ଡା ବ୍ଲକ ସେଠି ମଧ୍ୟ ସେହି ଅବସ୍ଥା । ରାଜଗାଙ୍ଗପୁର ରାଉରକେଲାରେ ଭିଜିଲାନ୍ସ ସେଲ କଟକରୁ ଆସି ମାମଲା ରୁଜୁ କରୁଛି, ଲୋକେ ମଧ୍ୟ ସେଲ କୁ ଖବର ଦେଉଛନ୍ତି । କିନ୍ତୁ, ରାଉରକେଲା ଭିଜିଲାନ୍ସକୁ ବିଶ୍ୱାସକୁ ନେଉନଥିବା କୁହାଯାଉଛି । ରାଉରକେଲାରେ ଏସପି ଅଫିସ ହେଲା । ଅଫିସର ମଧ୍ୟ ରହିଲେ କିନ୍ତୁ, ସହର ଭିତରେ ଯଦି ଏଭଳି କାରବାର ଓ କୋଇଡା ଯଦି ନଜରରେ ନରହିଲା, ପଚାରିଲେ ଉତର ମିଳୁଛି ଅନୁମତି ଉପରୁ ଆସିଲେ ଯାହା ହେବ । ତେବେ ସମ୍ବଲପୁର ଏସପି ଅଫିସ ସମୟ ଠିକ ଥିଲା ଓ ଏଠି ଜଣେ ଡିଏସପି ଅନେକ ମାମଲା କରିପାରୁଥିଲେ, ଏସପି ଅଫିସ ହେବାରେ କିଛି ସୁଫଳ ଲୋକଙ୍କୁ ମିଳିଲାନି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ୩୦ ଜିଲ୍ଲାରେ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦେଲେ ବିଜେଡି ସୁପ୍ରିମୋ

ଭୁବନେଶ୍ୱର, ୨୭।୩(ପି.ଏନ): ବିଜୁ ଜନତା ଦଳର ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ୩୦ ଜିଲ୍ଲା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି । ଏହି ତାଲିକାରେ ୯ ଜଣ ମନ୍ତ୍ରୀ ରହିଥିବା ବେଳେ ଅନେକ ବିଧାୟକ ମାନଙ୍କ ମଧ୍ୟ ନାମ ରହିଛି । ବିଜୁ ଜନତା ଦଳ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଚାରୋଟି ଜିଲ୍ଲାର ଦାୟିତ୍ୱ ଦିଆଯାଇଛି । ଏହି ଜିଲ୍ଲା ଗୁଡିକ ହେଲା ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ସମ୍ବଲପୁରର ଦାୟିତ୍ୱ ଦିଆଯାଇଛି । ସେହିପରି ଗଜପତି ଓ ରାୟଗଡ଼ା ଦାୟିତ୍ୱ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ମିଳିଛି । ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ବାଲେଶ୍ୱର ଦାୟିତ୍ୱ ପ୍ରଦାନ କରାଯାଇଛି । ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ କଟକ, ପ୍ରମିଳା ମଲ୍ଲିକଙ୍କୁ କେନ୍ଦ୍ରାପଡ଼ା, ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ପୁରୀ, ପ୍ରୀତିରଞ୍ଜନ ଘଡ଼େଇକୁ ସୁନ୍ଦରଗଡ଼, ପ୍ରଦୀପ ଅମାତଙ୍କୁ ଗଞ୍ଜାମ ଓ ଅଶୋକ ପଣ୍ଡାଙ୍କୁ ଯାଜପୁର ଦାୟିତ୍ୱ ମିଳିଛି । ସୁଧିର ସାମଲଙ୍କୁ ବଲାଙ୍ଗୀର ପାଇଁ, ପ୍ରତାପ ଜେନାଙ୍କୁ ଭଦ୍ରକ. ଅମରେଶ ଜେନାଙ୍କୁ ଦେବଗଡ, ଅରୁଣ ସାହୁଙ୍କୁ ଜଗତସିଂହପୁର ବିଜୟ ନାୟକଙ୍କୁ କନ୍ଧମାଳ , ରବୀନ୍ଦ୍ର ଜେନାଙ୍କୁ ଖୋର୍ଦ୍ଧା , ଦିବ୍ୟଶଙ୍କର ମିଶ୍ରଙ୍କୁ କୋରାପୁଟ-ମାଲକାନାଗିରି, ଇଶ୍ୱର ପାଣିଗ୍ରାହୀଙ୍କୁ ନବରଙ୍ଗପୁର ଓ ପଦ୍ମନାଭ ବେହେରାଙ୍କୁ ନୟାଗଡ଼ ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି ।

## ଘର ଖାଲି କରିବାକୁ ରାହୁଲ ଗାନ୍ଧିଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୨୭।୩(ପି.ଏନ)ରାହୁଲ ଗାନ୍ଧିଙ୍କ ଉପରେ ଗୋଟିଏ ପରେ ଗୋଟିଏ କୋପ ଦଶା ମାଡି ଆସୁଛି । କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ପୁଣି ଏକ ଝଟ୍?କା । ଘର ଖାଲି କରିବାକୁ କଂଗ୍ରେସ ନେତାଙ୍କୁ ନୋଟିସ୍ । ଏମପି ପଦ ଯିବା ପରେ ଏବେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ନିଜର ସରକାରୀ ବଙ୍ଗଳା ଛାଡ଼ିବାକୁ ପଡ଼ିବ । ସୋମବାର ଏଥିପାଇଁ ଲୋକ ସଭାର ଗୃହ କମିଟି ଏକ ବିଜ୍ଞପ୍ତି ଜାରି କରିଛି । ବର୍ତ୍ତମାନ ରାହୁଲ ଦିଲ୍ଲୀର ୧୨ତୁଗଲକ ଲେନ୍? ସ୍ଥିତ ସରକାରୀ ବଙ୍ଗଳାରେ ରହୁଛନ୍ତି । ୨୦୦୪ରୁ ସରକାରଙ୍କ



ପକ୍ଷରୁ ତାଙ୍କୁ ଏହି ଘର ଆବଣ୍ଟନ କରାଯାଇଥିଲା । ତେବେ ଏପ୍ରିଲ ୨୨ସୁଦ୍ଧା ରାହୁଲଙ୍କୁ ଏହି ସରକାରୀ ବାସଭବନ ଛାଡିବାକୁ ପଡ଼ିବ । ଉକ୍ତ ନୋଟିସ୍ ଅନୁଯାୟୀ, ଅଯୋଗ୍ୟ ହେବାର ଏକ ମାସ ମଧ୍ୟରେ ରାହୁଲଙ୍କୁ ତାଙ୍କ ସରକାରୀ ବାସଭବନ ଖାଲି କରିବାକୁ ପଡ଼ିବ ବୋଲି ଉଲ୍ଲେଖ କରାଯାଇଛି ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହେଉଛନ୍ତି ହ୍ରିତିକ।

## 'କଫି'ର ଚିତ୍ରକର ଅମିତା





ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ଧର୍ମଶାଳା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ଓ ସଂବର୍ଦ୍ଧନା ପର୍ବ

ଧର୍ମଶାଳା (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ, ପୁରସ୍କାର ପ୍ରଦାନ ଓ ପତ୍ରିକା ଉନ୍ମୋଚନ ପର୍ବ ୪ ତାରିଖରେ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ଉତ୍କଳ ସାହିତ୍ୟ ସମାଜ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି କାମଦେବ ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ଯୋଗଦେଇ ସମାଜ ସଂସ୍କାରରେ ସାହିତ୍ୟର ଭୂମିକା ଅବର୍ଣ୍ଣନୀୟ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରବି ଲାବଣ୍ୟ ଯୋଗଦେଇ ମଣିଷକୁ ଦୁଃଖ ସହିବାର ଶକ୍ତି ସାହିତ୍ୟ ଯୋଗାଏ ଓ ସୁଖର ସ୍ୱାଦ ବି ଚଖାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇ ସାହିତ୍ୟ ଓ ମଣିଷ ପରସ୍ପର ପରିପୂରକ ଓ ମଣିଷ ଜୀବନରେ ସାହିତ୍ୟ ହିଁ ଅନ୍ତରଙ୍ଗ ବଂଧୁ ବୋଲି ମତବ୍ୟକ୍ତ କରିଥିଲେ। ସଂପାଦକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ଗାଳ୍ପିକ ଅର୍ଜୁନ ପୃଷ୍ଟି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବିଜୟ କୁମାର ନାୟକ ମଂଚ ଆମନ୍ତ୍ରଣ କରିଥିବାବେଳେ ପ୍ରୀତିପ୍ରିୟା ରାୟ ଓ ସାଥୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଉତ୍ସବ ଉପଲକ୍ଷେ ପ୍ରକାଶିତ ଗଙ୍ଗଶିଉଳି ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପତ୍ରିକା ସଂପର୍କରେ ଡ. ରାଜକିଶୋର ପାଢ଼ୀ ସୂଚନା ଦେଇଥିଲେ। ଏହି ଅବସରରେ ଧର୍ମଶାଳା ସାହିତ୍ୟ ସମାଜ ସମ୍ମାନ କବୟିତ୍ରୀ ବିଦ୍ୟୁତ୍‌ଲତା ଦାସଙ୍କୁ, ବୀରକିଶୋର ପାଢ଼ୀ ଶିଶୁ ସାହିତ୍ୟ ସମ୍ମାନ ଡକ୍ଟର ସୁନାମଣି ରାଉତଙ୍କୁ, ବାବାଜିଚରଣ ନାୟକ ସ୍ମୃତି ସମ୍ମାନ କୃଷକନେତା ବସନ୍ତ କୁମାର ପରିଡ଼ାଙ୍କୁ ଓ ସୌଗନ୍ଧିକା ସମ୍ମାନ ଅବସରପ୍ରାପ୍ତ ଶିକ୍ଷକ ବିଭୂତି ଭୂଷଣ ପାଳଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ମାନପତ୍ରଗୁଡ଼ିକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଗଣେଶ୍ୱର ବେହେରା, ଯୁଗଳ କିଶୋର ଦାସ, ପ୍ରତିଭା ମଂଜରୀ ଦାଶ ପାଠ କରିଥିଲେ। ପରେପରେ ଅତିଥିମାନଙ୍କୁ କାହ୍ନୁଚରଣ ଦାଶ, ଡାକ୍ତର ବିଜୟ କୁମାର ଶତପଥୀ, ଯୁଧିଷ୍ଠିର ସ୍ୱାଇଁ, ନବଘନ ଜେନା ଉପଢୌକନ ପ୍ରଦାନ କରି ଅନୁଷ୍ଠାନ ପକ୍ଷରୁ ସଂବର୍ଦ୍ଧିତ କରିଥିଲେ। ସଂବର୍ଦ୍ଧିତ ଅତିଥିମାନେ ସଂବର୍ଦ୍ଧନାର ଉ□ର ଦେଇଥିଲେ। ଏହି ଅବସରରେ ଡକ୍ଟର ଭବାନୀ କିଙ୍କର ସାହୁଙ୍କ ପ୍ରବଂଧ ପୁସ୍ତକ 'ସମୀକ୍ଷା ଦିଗନ୍ତ', ରବି ଶତପଥୀଙ୍କ ପ୍ରବଂଧ ପୁସ୍ତକ 'କାଲି ଓ ଆଜି', ମନୋରଂଜନ ମହାନ୍ତିଙ୍କ ପୁସ୍ତକ 'ଭାବ ବିଭବ', ଗୋଲକ ଚନ୍ଦ୍ର ପଲେଇଙ୍କ ପୁସ୍ତକ 'ସେବାର କାହାଣୀ' ଲୋକାର୍ପିତ ହୋଇଥିଲା। ଶେଷରେ କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବ ବେଣୁଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।

# କାକଟପୁର ମା'ମଙ୍ଗଳାଙ୍କ ପୀଠର ଉନ୍ନତି ପାଇଁ ୫-ଟି ସଚିବଙ୍କୁ ଦାବୀପତ୍ର ପ୍ରଦାନ

ଭୁବନେଶ୍ୱର (ପିଏନ୍)- ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟରେ ଶ୍ରୀକ୍ଷେତ୍ରରୁ ପ୍ରଥମତଃ ବନଯାଗ ଯାତ୍ରୀମାନେ ଦାରୁ ନିର୍ଣ୍ଣୟ ପାଇଁ ମା' ମଙ୍ଗଳାଙ୍କୁ ତପସ୍ୟା କରନ୍ତି। ଜଗନ୍ନାଥ ସଂସ୍କୃତି ସହିତ ମା'ମଙ୍ଗଳାଙ୍କ ପରମ୍ପରା ଓ ସଂସ୍କୃତି ଅଙ୍ଗାଙ୍ଗି ଭାବେ ଜଡ଼ିତ। କିନ୍ତୁ ମା'ମଙ୍ଗଳାଙ୍କ ପୀଠର ଯେଉଁଭଳି ବିକାଶ କରାଯିବା କଥା ତାହା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ଯାହାଫଳରେ ଶ୍ରଦ୍ଧାଳୁ ଭକ୍ତମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ଅଧକ୍ଷ ତଥା କାକଟପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ବାରମ୍ବାର ଦାବୀ ସ□ େମନ୍ଦିରର ଯେଉଁ ମୁଖ୍ୟ ସମସ୍ୟାଗୁଡ଼ିକ ରହିଛି ତାହା ମଧ୍ୟ ସମାଧାନ ହେଉନାହିଁ। ମା'ଙ୍କ ମନ୍ଦିର ଉପରେ ନିର୍ଭରଶୀଳ ପୂଜାପଣ୍ଡା ଓ ସେବାୟତମାନଙ୍କ ସାମାଜିକ କଲ୍ୟାଣ ପାଇଁ ବିଶେଷ ବ୍ୟବସ୍ଥା ନାହିଁ ବୋଲି ମଧ ସେ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ମାସ ୨୮ ତାରିଖ ଦିନ ଶ୍ରୀ ପଟ୍ଟନାୟକ ମା'ମଙ୍ଗଳାଙ୍କ ପୀଠର ସାମଗ୍ରୀକ ବିକାଶ ପାଇଁ ଏକ ୧୫ ଦଫା ସମ୍ବଳିତ ଦାବୀପତ୍ର ଓଡ଼ିଶା ସରକାରଙ୍କ ୫-ଟି ସଚିବଙ୍କ ନିକଟକୁ ପଠାଇଛନ୍ତି। ଦାବୀଗୁଡ଼ିକ ମଧ୍ୟରେ ପ୍ରନ୍ତ□ ବିଭାଗଦ୍ୱାରା ମନ୍ଦିର ଗର୍ଭଗୃହ, ମନ୍ଦିର ଭିତର ପଥର ସୋଲିଙ୍ଗ ଓ ସିଂହଦ୍ୱାରର ସ୍ଥାୟୀ ମରାମତି କରାଯାଉ, ମନ୍ଦିରରେ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ, ପରିକ୍ରମା ଓ ପ୍ରସାଦ ସେବନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଘୁନ୍ତୋଳା ତୁଠର ପୁନରୁଦ୍ଧାର, ପରିଷ୍କାର ପରିଛନ୍ନତା ଓ ପରିବେଶ ସୁରକ୍ଷା, ଭୁବନେଶ୍ୱର ଓ ପୁରୀରୁ କାକଟପୁର ମଙ୍ଗଳାଙ୍କ ପୀଠକୁ ଶୀତତାପ ନିୟନ୍ତ୍ରିତ ମୋ ବସ୍ ଯାତାୟାତର ବ୍ୟବସ୍ଥା କରାଯାଉ, କାକଟପୁର ମୁଖ୍ୟ ରାସ୍ତାଠାରୁ ମନ୍ଦିର ଦୁଇ ପାର୍ଶ୍ୱରେ ସୌନ୍ଦର୍ଯ୍ୟ ବିଦ୍ୟୁତକରଣ, ମନ୍ଦିର ନିକଟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଏକ ସୂଚନା କେନ୍ଦ୍ର ଓ ପାଠାଗାର ସ୍ଥାପନ, ମନ୍ଦିରର ପାର୍ଶ୍ୱରେ ସ୍ଥାୟୀ ପକ୍କା ପଦପ୍ରକ୍ଷାଳନର ବ୍ୟବସ୍ଥା, ମନ୍ଦିର ଉପରେ ନିର୍ଭରଶୀଳ ପୂଜାପଣ୍ଡା ଓ ସେବାୟତମାନଙ୍କ ପାଇଁ ବିଭିନ୍ନ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମର ବ୍ୟବସ୍ଥା, ବେଦ ଅଧ୍ୟୟନ ପାଇଁ ଏକ ବେଦ କର୍ମକାଣ୍ଡ ବିଦ୍ୟାଳୟ ସ୍ଥାପନ, ସେବାୟତମାନଙ୍କ ପାଇଁ ଏକ ବିଶ୍ରାମାଗାର ନିର୍ମାଣ, ପାର୍କିଂସ୍ଥଳୀର ବିକାଶ, ଲାଇଟିଂ, ଭକ୍ତମାନଙ୍କ ସୁବିଧା ପାଇଁ ଏଠାରେ ଶୌଚାଳୟ ନିର୍ମାଣ, ପ୍ରସିଦ୍ଧ ମା'ମଙ୍ଗଳାଙ୍କ ପୀଠ ଓ ଜନସଂଖ୍ୟା ଦୃଷ୍ଟିରୁ କାକଟପୁରକୁ ଏନ.ଏ.ସି ଘୋଷଣା, ପ୍ରାଚୀନଦୀର ପରିଷ୍କାର ପରିଛନ୍ନତା ଓ ଚିରସ୍ରୋତା ନଦୀ ଭାବରେ ପରିଣତ, ସେବାୟତମାନଙ୍କ ପାଇଁ କଲ୍ୟାଣ ପାଣ୍ଠି ଗଠନ, ମନ୍ଦିରର ପାରିପାର୍ଶ୍ୱିକ ବିକାଶ ଉପରେ ବିଶେଷ ଗୁରୁତ୍ୱ ଆଦି ଉଲ୍ଲେଖ କରାଯାଇଛି।

## ପୂର୍ବତନ ସାଂସଦ ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଶୋକ

ଧର୍ମଶାଳା (ପିଏନ୍): ବରିଷ୍ଠ କଂଗ୍ରେସ ନେତ୍ରୀ, ପୂର୍ବତନ ସାଂସଦ ତଥା ବିଶିଷ୍ଟ ସାହିତ୍ୟିକା ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଧର୍ମଶାଳା ଅଞ୍ଚଳର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ, ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ, ସାହିତ୍ୟିକ ବଟକୃଷ୍ଣ ଓଝା, ଡ. ଜଗନ୍ନାଥ ଜେନା, ଡ. ନୃସିଂହ ଚରଣ ସାହୁ, ଡ. ପ୍ରିୟନାଥ ମହାପାତ୍ର, ଡ. ଗୌତମ ଜେନା, ଡ. ମହେଶ୍ୱର ଜେନାସାମନ୍ତ, ଡ. ଚନ୍ଦ୍ରକାନ୍ତ ମହାନ୍ତି, ଡ. ତୁହିନାଂଶୁ ରଥ, ଡ. ଇନ୍ଦୁପ୍ରଭା ସାମଲ, ଡ. ସୁମନ କଲ୍ୟାଣ ବେହେରା, ନବଘନ ଜେନା, ଗୋବିନ୍ଦଚନ୍ଦ୍ର ସାହୁ, ଦୁର୍ଗା ପ୍ରସନ୍ନ ଦାଶ, ବାମଦେବ ପାଢ଼ୀ, ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା, ସ୍ତମ୍ଭକାର ମନୋରଂଜନ ମହାନ୍ତି, ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, କାହ୍ନୁ ଚରଣ ଦାଶ, ବେଣୁଧର ନାୟକ, ଯୁଧିଷ୍ଠିର ସ୍ୱାଇଁ, ସୁନାକର ସାହୁ, ବ୍ରଜକିଶୋର ଦାଶ, ଅର୍ଜୁନ ପୃଷ୍ଟି, ପ୍ରଶାନ୍ତ କୁମାର ସାହୁ, ସଂଗ୍ରାମ କେଶରୀ ଜେନା, ରାଧାଶ୍ୟାମ ସାହୁ, ଗୋଲକ ଚନ୍ଦ୍ର ପଲେଇ, ଅଖିଳ କୁମାର ସ୍ୱାଇଁ, ବିଜୟ କୁମାର ନାୟକ, ଦେବବ୍ରତ ରାଉତ, ଅଜୟ ଖୁଣ୍ଟିଆ, ସାମ୍ବାଦିକ ବଟକୃଷ୍ଣ ପରିଡ଼ା, କୃଷକନେତା ବସନ୍ତ କୁମାର ପରିଡ଼ା, ଶ୍ରମିକନେତା ନୃସିଂହ ଚରଣ ମିଶ୍ର, କୃଷ୍ଣଚନ୍ଦ୍ର ପାତ୍ର, ଆଦିକନ୍ଦ ସ୍ୱାଇଁ, ଅନନ୍ତ ଚରଣ ସ୍ୱାଇଁ, ପ୍ରସନ୍ନ କୁମାର କର, ରବି ନାରାୟଣ କର, କୃଷ୍ଣଚନ୍ଦ୍ର ତ୍ରିପାଠୀ, ବିବେକାନନ୍ଦ ରାୟ, ପ୍ରତିଭା ମଂଜରୀ ଦାଶ, ସବିତା ମିଶ୍ର, ପଦ୍ମଜା ଶରଣ, ସସ୍ମିତା ଦାଶ, ପ୍ରେମଲତା ମହାରଣା, ସରୋଜିନୀ ପଣ୍ଡା, ପ୍ରଭାସ ଚନ୍ଦ୍ର ଚୋଲ, ସୁବାଷ ଚନ୍ଦ୍ର ସାହୁ, ସୁନାକର ଦାସ, ସ୍ୱରାଜ ପାଣି, ସୌଭାଗ୍ୟ ରାଉତ, ଦେବେନ୍ଦ୍ର ପଟ୍ଟନାୟକ, ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡା, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସରଂଜନ କର, କଂଗ୍ରେସ ନେତା ମିହିର କୁମାର ଖୁଣ୍ଟିଆ, ଯୁବନେତା ପ୍ରଫୁଲ୍ଲ କୁମାର ରାଉତ, ଦେବପ୍ରସାଦ ରାୟ, ଯୁବନେତା ଉଗ୍ରସେନ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ସ୍ୱର୍ଗୀୟା ପଟ୍ଟନାୟକଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ହଦଗଡ ଅଭୟାରଣ୍ୟର ସୁରକ୍ଷା ପାଇଁ ବନ ବିଭାଗ ତରଫରୁ ପାଟ୍ରୋଲିଙ୍ଗ୍

ଆନନ୍ଦପୁର (ପିଏନ୍):ଆନନ୍ଦପୁର ବନଖଣ୍ଡ ଅଧିନସ୍ଥ ହଦଗଡରେ ଏକ ସଚେତନତା ଜଙ୍ଗଲ ସୁରକ୍ଷା ରାଲି ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ହଦଗଡ ଅଭୟାରଣ୍ୟ ବେଶ୍ ପରିଚିତ । ଏହାର ସୁରକ୍ଷା ଓ ଜୀବଜନ୍ତୁଙ୍କ ସୁରକ୍ଷା ନିମନ୍ତେ ହଦଗଡରେ ଅଫିସର ନେତୃତ୍ୱରେ ହଦଗଡ ଅଭୟାରଣ୍ୟର ଜଙ୍ଗଲ ସୁରକ୍ଷା ନିମନ୍ତେ ରେଂଜ ଅଫିସର ସୁମିତ ମହାନ୍ତିଙ୍କ ନେତୃତ୍ୱରେ ଏକ ଅଭିନବ କାର୍ଯ୍ୟକ୍ରମ ଆଗକୁ ନେଇଥିବା ବେଳେ ଜୀବଜନ୍ତୁଙ୍କ ଜୀବନ ସୁରକ୍ଷା ଏବଂ ଜଙ୍ଗଲ ନଷ୍ଟ ନକରିବା, ଅବାଧରେ ଜୀବଜନ୍ତୁଙ୍କୁ ଶିକାର ନକରିବା ଦିଗରେ ଲୋକମାନଙ୍କୁ ସଚେତନତା ବା□ା ଦେଇଥିଲେ । ଏହି ଅଭୟାରଣ୍ୟର ସୌନ୍ଦର୍ଯ୍ୟକରଣ ନିମନ୍ତେ ଏହି କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଏଥିରେ ବନବିଭାଗର ଅନନ୍ତ ଚରଣ ପରିଡା, ଫରେଷ୍ଟର ଲକ୍ଷ୍ମୀଧର କିସ୍କୁ, ଫରେଷ୍ଟର ଦିନେଶ ମାଝୀ, ଫରେଷ୍ଟ ଗାର୍ଡ ରଶ୍ମିରଂଜନ ରାଉତ ଓ ବନ ବିଭାଗର ସମସ୍ତ ଗାର୍ଡମାନେ ରାଲିକୁ ସହଯୋଗ କରିଥିଲେ ।

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର ତରଫରୁ କୁକୁଡା ଓ କୁକୁଡା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): ସ୍ୱାଧିନତାର ୭୫ତମ ବାର୍ଷିକୀ ଅମୃତ ମହୋତ୍ସବ ଉପଲକ୍ଷେ ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ଓ କାଶୀପୁର ଗ୍ରାମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ୮୦ ଜଣ ଗରୀବ ଜନଜାତି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଆତ୍ମନିର୍ଭରଶୀଳ କରି ଜୀବିକା ନିର୍ବାହ କରିବା ସକାଶେ ପ୍ରତ୍ୟେକଙ୍କୁ ୨୦ଟି କୁକୁଡା ଓ ୬୦ କେଜି କୁକୁଡା ଖାଦ୍ୟ ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝରର ପ୍ରକଳ୍ପ ପ୍ରଶାସକ ତପନ କୁମାର ନାଏକ, କେନ୍ଦେଇପଶି ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇ ହିତାଧିକାରୀମାନଙ୍କୁ କୁକୁଡା ଓ କୁକୁଡା ଖାଦ୍ୟ ବଣ୍ଟନ କରିଥିଲେ। ପ୍ରୋଜେକ୍ଟ ମ୍ୟାନେଜର ସଚ୍ଚିଦାନନ୍ଦ ମିଶ୍ର ସଭା ପରିଚାଳନା କରିଥିଲେ। ଏହି ସଭାରେ ଆଇଟିଡିଏର ଏସ୍‌ଏସ୍‌ଏସ୍ ଓ ଲାଇଭଲି ହୁଡ ଏକ୍ସପର୍ଟ ମଧ୍ୟ ଯୋଗ ଦେଇଥିଲେ।

## ନାରୀ ସଶକ୍ତିକରଣ ପାଠଚକ୍ର ଏବଂ ବୁଦ୍ଧ ଉଦ୍ୟାନ ଉଦ୍‌ଘାଟନ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ମହାବିଦ୍ୟାଳୟରେ ନୂତନ ଗ୍ରନ୍ଥାଗାର ଭବନରେ ନାରୀ ସଶକ୍ତିକରଣ ପାଠଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ଡ. ଦିଲ୍ଲୀପ କୁମାର ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଆନନ୍ଦପୁର ଗାୟତ୍ରୀ ପରିବାରର ହେମନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀ ସଶକ୍ତିକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟକ୍ଷ, ଅଧ୍ୟାପିକା, କର୍ମଚାରୀ ଯୋଗ ଦେଇଥିଲେ । ତତ୍‌ପରେ ଅଧ୍ୟକ୍ଷ ଡ. ଦାଶ ମହାବିଦ୍ୟାଳୟ ପରିସରରେ ବୁଦ୍ଧ ଉଦ୍ୟାନକୁ ଉଦ୍‌ଘାଟନ କରିଥିଲେ ।

# ଓଡ଼ିଶାରେ କେମିତି ଚାଲିଛି ନିର୍ମାଣ କାର୍ଯ୍ୟ !

**ଶରତ କୁମାର ରାଉତ**

ସଂପ୍ରତି ଓଡ଼ିଶାରେ ରାସ୍ତାଘାଟ ସମସ୍ୟା ସୁଧୁରି ଗଲାଣି। ମାତ୍ର ଅଳ୍ପ କେତେକ ଗାଁ, ପଂଚାୟତ ଓ ବ୍ଲକ୍ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଏତେଟା ସୁଧୁରି ପାରିନାହିଁ। କେତେକ ରାସ୍ତା କିଛି ବର୍ଷ ତଳୁ ମରାମତି ହୋଇନାହିଁ। ଅଳ୍ପ କେତେକ ନିର୍ମାଣାଧୀନ ନଦୀ ସେତୁ ଦୀର୍ଘ ବର୍ଷ ତଳୁ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଯଦ୍ୱାରା ମୁଖ୍ୟତଃ ଆଦିବାସୀବହୁଳ ଅଂଚଳରେ ଲକ୍ଷ ଲକ୍ଷ ଲୋକେ ନିଜ ବ୍ଲକ୍ ସଦର ମହକୁମାରେ ପହଂଚିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥାପି ଓଡ଼ିଶାକୁ ଅତ୍ୟାଧୁନିକ ମନୋରମ ରାଜ୍ୟରେ ପରିଣତ କରିବାରେ ନିର୍ମାଣ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁଲଭ ଗମନାଗମନ ବ୍ୟବସ୍ଥା କୌଣସି ବିକଶିତ ରାଜ୍ୟ ବା ଦେଶର ମୁଖ୍ୟ ପରିଚୟ। ଏହା ମଧ୍ୟ ସାଧାରଣ ଲୋକଙ୍କର ଆର୍ଥିକ ଓ ସାମାଜିକ ଅବସ୍ଥା ପରିବର୍ତ୍ତନରେ ସହାୟକ ହୋଇଥାଏ। ହୁଏତ ଏହାକୁ ଦୃଷ୍ଟିରେ ରଖି ୧୧/୧୨ବର୍ଷ ତଳୁ ରାସ୍ତାଘାଟ, କୋଠାବାଡ଼ି, ସେତୁ ଓ ଓଭର୍ ବ୍ରିଜ୍ ନିର୍ମାଣ କ୍ଷେତ୍ରରେ ରାଜ୍ୟର ପ୍ରାୟ ସମସ୍ତ ୫୬ଟି ପୂର୍ତ୍ତ ଡ଼ିଭିଜନ୍ ସକ୍ରିୟ ରହିଛି। ମୁଖ୍ୟତଃ ନିର୍ମାଣ କ୍ଷେତ୍ରରେ ପଛୁଆ ଥିବା ଆଦିବାସୀ ଅଂଚଳର କେତୋଟି ଡ଼ିଭିଜନ୍ ଗତ ୫ ବର୍ଷ ଭିତରେ ଧାର୍ଯ୍ୟଲକ୍ଷ୍ୟ ସଫଳତା ହାସଲ କରିବାରେ ସମର୍ଥ ହୋଇପାରିଛନ୍ତି। ପୂର୍ବରୁ ବିଭିନ୍ନ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟଲକ୍ଷ୍ୟ ସମୟ ସୀମା ମଧ୍ୟରେ ଶେଷ ନହୋଇ ବହୁ ଅଧିକ ସମୟ ବ୍ୟୟ ହେଉଥିଲା। ଏପରିକି ମୁଖ୍ୟ ରାସ୍ତାଗୁଡ଼ିକର ମରାମତି ପାଇଁ ସାଧାରଣ ଲୋକଙ୍କୁ ବାରମ୍ବାର ଆନ୍ଦୋଳନ କରିବାକୁ ପଡ଼େ କିମ୍ବା ନେତା ଓ ଅଫିସରମାନଙ୍କୁ ଗୁହାରି କରି ନୟାନ୍ତ ହେବାକୁ ପଡ଼େ। ମାତ୍ର ସମୟ ବଦଳିବା ସହ ଅବସ୍ଥାରେ ପରିବର୍ତ୍ତନ ହୋଇଛି। ଏବେ ଯୁଦ୍ଧକାଳୀନ ଭିତିରେ ନିର୍ମାଣ କାର୍ଯ୍ୟ କରାଯାଇ ରାସ୍ତା ଓ ଅନ୍ୟାନ୍ୟ ସରକାରୀ କୋଠାବାଡ଼ିଗୁଡ଼ିକୁ ଅତ୍ୟାଧୁନିକ ଶୈଳୀରେ ନବୀକରଣ କରାଯାଉଛି।

ଇତିମଧ୍ୟରେ ଓଡ଼ିଶାରେ ନିର୍ମାଣ ଯୁଗ ଆରମ୍ଭ ହୋଇଥିବା କୁହାଯାଇପାରେ। ଦୀର୍ଘଦିନ ତଳୁ ସରକାରୀ ନାଲିଫିତା ତଳେ ବାନ୍ଧି ହୋଇ ରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ଓ ସେତୁ ପ୍ରକଳ୍ପ ଇତିମଧ୍ୟରେ ପୂର୍ଣ୍ଣାଙ୍ଗ ରୂପ ନେଇସାରିଛି। ସାରା ରାଜ୍ୟରେ ବିଭିନ୍ନ ସଡ଼କ ଓ ସେତୁ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଗ୍ରାମାଂଚଳ ଭିତିଭୂମି ବିକାଶ ଫଣ୍ଡ ଅଧୀନରେ ତଥା ନାବାର୍ଡ଼ ସହାୟତାରେ ରାଜ୍ୟରେ ୨୦୭ଟି ସଡ଼କ ପ୍ରକଳ୍ପ(୩୦୨୮କିମି) ଏବଂ ୧୪୬ଟି ସେତୁ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନରେ 'ରିଭାଇଜଡ଼୍ ଲଙ୍ଗ ଟର୍ମ ଆକ୍ସନ୍ ପ୍ଲାନ୍' ଅନୁଯାୟୀ କେବିକେ ଅଂଚଳର ରାସ୍ତାଗୁଡ଼ିକ ନବୀକରଣ ସହ ନୂଆ ସେତୁ, ରାସ୍ତା, କଲଭର୍ଟ ଆଦି ନିର୍ମାଣ ହୋଇଛି। ରାଜ୍ୟର ତୀର୍ଥସ୍ଥାନ ଓ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକ ମଧ୍ୟରେ ଗମନାଗମନ ସୁବିଧା ପାଇଁ ୨୦୧୨-୧୩ରୁ ଆରମ୍ଭ ହୋଇଥିବା ସଡ଼କ ସଂଯୋଗୀକରଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। ଏଥିପାଇଁ ଅତିରିକ୍ତ କେନ୍ଦ୍ରୀୟ ଅନୁଦାନ ୧୧୪.୬୭ କୋଟି ଟଙ୍କାରେ ଅଧୁରା ରାସ୍ତା ଓ ସେତୁ ନିର୍ମାଣ ସହିତ ୪୦ଟି ଅନଗୋଇଙ୍ଗ୍ ରାସ୍ତା ନିର୍ମାଣ ହୋଇଛି ଏବଂ ୭୦ କିମି ରାସ୍ତାର ଉନ୍ନତିକରଣ କରାଯାଇଛି। ୧୨୧୯କିମି ଦୈର୍ଘ୍ୟ ବିଶିଷ୍ଟ ବିଜୟୱାଡ଼ା-ରାଂଚି ସଡ଼କ ପ୍ରକଳ୍ପ ମୁଖ୍ୟତଃ ଓଡ଼ିଶାର ନକ୍ସଲ ପ୍ରଭାବିତ ୧୩ଟି ଆଦିବାସୀ ଜିଲ୍ଲା (ଓଡ଼ିଶା ନିର୍ମାଣ ବିଭାଗ ଅଧୀନସ୍ଥ ୯୮୩.୭୦ କିମି) ଭିତର ଦେଇ ଲମ୍ବିଛି। ସଂପୃକ୍ତ ଦରିଦ୍ର ଆଦିବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଯିବାର ଲକ୍ଷ୍ୟ ନେଇ ଉକ୍ତ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ୨୦୧୨-୧୩ ମସିହାରେ ଭାରତ ସରକାର ୧୦ଟି ସଡ଼କ





ପ୍ରକଳ୍ପ ମଂଜୁରୀ କରିଥିଲେ, ଯାହାର ବ୍ୟୟ ଅଟକଳ ଥିଲା ୩୭୫.୨୫ କୋଟି ଟଙ୍କା। ଏହି ପ୍ରକଳ୍ପ ବ୍ୟୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଅଧା-ଅଧା ଭାଗ ଅର୍ଥ ବହନ କରିବାର ଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ୨୦୧୩-୧୪ ମସିହାରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ "ଷ୍ଟେଟ୍ ହାଇୱେ ଡ଼େଭେଲପ୍‌ମେଂଟ ପ୍ରୋଗ୍ରାମ"। ଏହି ପ୍ରୋଗ୍ରାମ ଅନ୍ତର୍ଗତ ୪୧୧ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ କଟକ-ଚାନ୍ଦବାଲି ସଡ଼କ ପ୍ରକଳ୍ପ କାର୍ଯ୍ୟ ୨୦୧୭ରେ ସଂପୂର୍ଣ୍ଣ ହୋଇଥିଲା। ସେହିପରି ଢେଙ୍କାନାଳ, ଗଞ୍ଜାମ, ବୌଦ୍ଧ, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର ଅଂଚଳର ୧୪ଟି ସଡ଼କ ପ୍ରକଳ୍ପ ୨୦୧୬-୧୭ରେ ସଂପୂର୍ଣ୍ଣ ହୋଇଛି। ସେଂଟ୍ରାଲ୍ ରୋଡ଼୍ ଫଣ୍ଡ ସହାୟତାରେ ବ୍ରହ୍ମପୁର-ତପ୍ତପାଣି, (୪୧କିମି), ଭବାନୀପାଟଣା-ଖଡ଼ିଆଳ (୬୮କିମି), ଚାନ୍ଦବାଲି-ଭଦ୍ରକ-ଆନନ୍ଦପୁର (୯୫କିମି) ଓ ଜଗତପୁର-ଚାନ୍ଦବାଲି (୧୦୬କିମି) ରାସ୍ତା କାର୍ଯ୍ୟକ୍ଷମ ହୋଇସାରିଛି। ୨୦୧୩-୧୪ରେ ରାଜ୍ୟ ସରକାର ମଧ୍ୟ ଏକ ନୂଆ ଯୋଜନା "ସହରାଞ୍ଚଳ ରାସ୍ତା ଉନ୍ନତିକରଣ" ଆରମ୍ଭ କରିଥିଲେ। କିଛିବର୍ଷ ତଳୁ ୧୨୪ଟି ରାସ୍ତା (୨୦୩.୦୯ କିମି)ର ଉନ୍ନତିକରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇସାରିଛି। ଏଥିରେ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମ ସମେତ ୧୯ଟି ପୌରାଂଚଳ ଓ ୧୮ଟି ବିଜ୍ଞାପିତ ଅଂଚଳ ପରିଷଦ ସାମିଲ୍ ଥିଲେ। ନାବାର୍ଡ଼ ସହାୟତାରେ ୧୪୨.୭୭ କୋଟି ଟଙ୍କା ବ୍ୟୟରେ ୨୦୧୩ ଡ଼ିସେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପିତ ହୋଇଥିବା କଟକ-ତ୍ରିଶୂଳିଆ ମହାନଦୀ ସେତୁ (୨.୫ କିମି ଦୈର୍ଘ୍ୟ) ୨୦୧୬ ଅକ୍ଟୋବରରେ କାର୍ଯ୍ୟକ୍ଷମ ହୋଇଥିଲା। ସେହିପରି ବଡ଼ମ୍ବା-ବାଙ୍କି ଅଂଚଳରେ ରାଜ୍ୟର ସବୁଠୁ ଦୀର୍ଘତମ ସେତୁକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଇ ନିକଟରେ ଉଦ୍‌ଘାଟନ କରିଛନ୍ତି। ଏହି ସେତୁ ୩.୪ କିମି ଦୈର୍ଘ୍ୟ ବିଶିଷ୍ଟ। ଏଥିଯୋଗୁ ସ୍ଥାନୀୟ ଅଂଚଳରେ ଗମନାଗମନର ବିକାଶ ସହ ପର୍ଯ୍ୟଟନ, କୃଷି, ବାଣିଜ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଘଟିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ରାଜ୍ୟର ଶହଶହ ରାସ୍ତାର ପ୍ରଶସ୍ତିକରଣ ଓ ନବୀକରଣ ଭଳି ସରକାରୀ ଗୃହ ଏବଂ ରାସ୍ତାଘାଟର ଉଚ୍ଚମାନର ମରାମତି କାର୍ଯ୍ୟ ଉଲ୍ଲେଖଯୋଗ୍ୟ। ଆବଶ୍ୟକତା ଅନୁଯାୟୀ ରାଜରାସ୍ତା ଓ ବିଭିନ୍ନ ସହରର ଅତି ଭିଡ ଟ୍ରାଫିକ୍‌ମାନଙ୍କରେ ଅତ୍ୟାଧୁନିକ ଓଭର ବ୍ରିଜ୍ ନିର୍ମିତ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ସେତୁ ନିର୍ମାଣାଧୀନ ରହିଛି ଓ ଆଉ କେତେକ ସେତୁ ନିର୍ମାଣର ପ୍ରସ୍ତାବ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ନିର୍ମାଣ କାର୍ଯ୍ୟଧାରାକୁ ନେଇ ଏବେ କାହାରି କୌଣସି ଆପତି, ଅଭିଯୋଗ ଉଠୁନଥିବା ଦେଖାଯାଉଛି। ସରକାରୀ ନିୟମ ଆଧାରରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ରାଜ୍ୟରେ ନବନିର୍ମାଣ ଯୁଗ ଚାଲିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଯଦିଓ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ, ନିର୍ମଳ ଓ ଦୁର୍ନୀତିମୁକ୍ତ ଶାସନର ଏହା ପରିଣତି, ତଥାପି ପୂ□ ବିଭାଗର ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବଙ୍କ ସମେତ ମୁଖ୍ୟଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନଙ୍କ ନିଷ୍ଠାପରତା ଓ କାର୍ଯ୍ୟଦକ୍ଷତା ଉଲ୍ଲେଖଯୋଗ୍ୟ। ଶାସନ ସଚିବ ବୀର ବିକ୍ରମ ଯାଦବ ସଚିବ ଭାବେ ଯୋଗ ଦେବା ପରେ ରାଜ୍ୟରେ ନିର୍ମାଣ କାର୍ଯ୍ୟ ବେଶ୍ ଦ୍ରୁତ ହୋଇଥିବା ଦେଖାଯାଉଛି। ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ଏଥିପୂର୍ବରୁ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରି ବହୁ ସଂସ୍କାର ଆଣିଛନ୍ତି। ସବୁଠୁ ବଡ଼କଥା ହେଲା, ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ପୂର୍ତ୍ତ ବିଭାଗର ଶାସନ ସଚିବ ପଦରେ ଯୋଗଦେବା ପରେ ପରେ ନିର୍ମାଣ କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା ସମାଧାନ କରାଇବାରେ ସକ୍ଷମ ହୋଇପାରିଛନ୍ତି। ଇତିମଧ୍ୟରେ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ନିଜର ପ୍ରଚଣ୍ଡ ପ୍ରଶାସନିକ ଦକ୍ଷତାର ପ୍ରମାଣ ସ୍ୱରୂପ ସାରା ରାଜ୍ୟରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଇବା ସହ ନିର୍ମାଣଜନିତ ବହୁ ସମସ୍ୟାର ସମାଧାନ କରାଇପାରିଛନ୍ତି। ପ୍ରତ୍ୟେକ ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତୁତ ବ୍ୟୟ ଅଟକଳ ଠିଠା ଓ ବ୍ୟବସ୍ଥିତ ଢଙ୍ଗ ତଥା ପ୍ରଶାସନିକ ମଞ୍ଜୁରୀ ଦେବାବେଳେ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବଙ୍କର ସତର୍କତା ଓ ବ୍ୟାପକ ସମୀକ୍ଷା ଅନ୍ୟମାନଙ୍କ ପାଇଁ ଅନୁସରଣୀୟ ବୋଲି ନିର୍ମାଣ ବିଶେଷଜ୍ଞମାନେ ମତ ଦେଉଛନ୍ତି। ସେହିପରି ନିୟମିତ ବ୍ୟବଧାନରେ ବ୍ୟବସ୍ଥିତ ଢଙ୍ଗ ଅନୁଯାୟୀ କ୍ୱାଲିଟି କଂଟ୍ରୋଲ ଇଞ୍ଜିନିୟରମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟର ତନଖି ଓ ଅନୁସନ୍ଧାନ ଦିଗରେ ସଚିବ ଶ୍ରୀ ବୀର ବିକ୍ରମ ଯାଦବଙ୍କର ପ୍ରତ୍ୟକ୍ଷ ନିରୀକ୍ଷଣ ଏବଂ ସେମାନଙ୍କ ମନ୍ତବ୍ୟକୁ ବ୍ୟାପକ ସମୀକ୍ଷା ହିଁ ପୂର୍ତ୍ତ ବିଭାଗର କାର୍ଯ୍ୟକୁ ସଫଳତା ଦିଗରେ ଆଗେଇ ନେଉଛି।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮*

# ଆରୁହା ପାହାଡ଼ ବେଆଇନ କଳାପଥର ଖାଦାନରେ ତହସିଲଦାରଙ୍କ ମାପଚୁପ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ପାହାଡର ପ୍ଲଟ ନଂ-୨୮୧୦ରେ ଥିବା ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ ହୋଇଥିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ପରେ ଧର୍ମଶାଳା ତହସିଲ ପକ୍ଷରୁ ସେଠାରେ ମାପଚୁପ କରାଯାଇଛି । ସୂଚନା ମୁତାବକ, ଆରୁହା କଳାପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ତାଙ୍କର ଏକ ବେଆଇନ ଭାବେ କ୍ରସର ଚଳାଉଥିବା ନେଇ ସ୍ଥାନୀୟ ଅଂଚଳର ମନୋରଂଜନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାକୁ ନେଇ ଧର୍ମଶାଳା ତତକାଳୀନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ତଦନ୍ତ ସମୟରେ ଉକ୍ତ ଖାଦାନରୁ ବେଆଇନ ଭାବେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ । ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ କରିଥିଲା । ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ । ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା । ଯାହାର ମୁଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା। ସମ୍ପୃକ୍ତ ବେଆଇନ ଖାଦାନର ଇଜରାଦାର ଏହି ଟଙ୍କା ଭରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଲୋକାୟୁକ୍ତ ୨୨୬/୨୨ରେ ଏକ ମାମଲା ରୁଜୁ କରି ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ଅକ୍ଟୋବର ୨୫ ତାରିଖ ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହାକୁ ନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ସ୍ଥାନୀୟ ଆରଆଇ ଓ ଅମିନକୁ ନେଇ ବେଆଇନ ଭାବେ ଖନନ ହୋଇଥିବା ସଇରାତକୁ ମାପଚୁପ କରିଛନ୍ତି ।

# ଯୌତୁକ ପାଇଁ ନବବଧୂ ହତ୍ୟା ଅଭିଯୋଗ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର ପ୍ରଭାକର ସାହୁଙ୍କ ପତ୍ନୀ କବିତା (୨୩)ଙ୍କ ବୁଧବାର ରାତିରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି । ଅଧିକ ଯୌତୁକ ପାଇଁ ତାଙ୍କ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଥିବା ବାପା ବାଲିଚନ୍ଦ୍ରପୁର ଥାନା ପଟୁଣିଆ ଗ୍ରାମର ଜଗବନ୍ଧୁ ସାହୁ ଗତକାଲି ଥାନାରେ ଏତଲା ଦେଇଛନ୍ତି । ଶାଶୁଘର ଲୋକେ କବିତାକୁ ହତ୍ୟାକରିବା ପରେ ଆତ୍ମହତ୍ୟାର ରୂପ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ମାତ୍ର ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ମୃତା କବିତାଙ୍କ ଶାଶୁ ଭାରତୀ ସାହୁ ପୁଲିସ୍ ନିକଟରେ ବୟାନ ଦେଇଛନ୍ତି । ଅଭିଯୋଗ ପାଇ ପୁଲିସ୍ ମୃତଦେହକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ନିମନ୍ତେ ବଡ଼ଚଣା ଡାକ୍ତରଖାନାକୁ ପଠାଇଛି । ୫୫୨/୨୨ରେ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଯେ, ମିର୍ଜାପୁର ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ପୁଅ ପ୍ରଭାକର ଗତ ଜୁଲାଇ ୭ ତାରିଖରେ ପଟୁଣିଆ ଗ୍ରାମର ଜଗବନ୍ଧୁ ସାହୁଙ୍କ ସାନଝିଅ କବିତାଙ୍କୁ କୋଟପୁର ବୃଦ୍ଧଲିଙ୍ଗ ମନ୍ଦିରରେ ବିବାହ କରିଥିଲେ । ବିବାହ ସମୟରେ ୮୦ହଜାର ଟଙ୍କା, ସୁନା ଅଳଙ୍କାର ଓ ବିଭିନ୍ନ ଆସବାବପତ୍ର ଯୌତୁକ ବାବଦକୁ ଦିଆଯାଇଥିଲା । ହେଲେ ବିବାହର ଏକ ସପ୍ତାହ ପରେ ଅଧିକ ଯୌତୁକ ଆଣିବାପାଇଁ ଶାଶୁଘର ଲୋକେ ତାଙ୍କୁ ମାନସିକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି । କବିତାର ଦେହ ଖରାପ ଅଛି । ସେ ଧର୍ମଶାଳା ଡାକ୍ତରଖାନାରେ ଅଛି ବୋଲି ଶାଶୁଘର ଲୋକେ ଗତକାଲି ବାପଘରକୁ ଖବର ଦେଇଥିଲେ । ସେମାନେ ଡାକ୍ତରଖାନାକୁ ଆସି ଦେଖିଲା ବେଳକୁ ତାଙ୍କ ଝିଅ ମରିଯାଇଛି । ଶରୀରର ବିଭିନ୍ନ ସ୍ଥାନରେ ଦାଗ ଓ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଥିଲା । ବିବାହକୁ ତିନିମାସ ପୁରିନଥିବା ବେଳେ ଶାଶୁଘର ଲୋକେ କବିତାଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପଦେବା ପାଇଁ ବେକରେ ରଶି ଲଗାଇ ଝୁଲାଇ ଦେଇଥିଲେ ବୋଲି ବାପଘର ପକ୍ଷରୁ ଅଭିଯୋଗ ହୋଇଛି । ମୃତା କବିତାର ସ୍ୱାମୀ ପ୍ରଭାକର ଏବେ ହାଇଦ୍ରାବାଦରେ ଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।




# କୋଭିଡ୍ ଆୟୋଗ ଗଠନ କରନ୍ତୁ କେନ୍ଦ୍ର ସରକାର !




ଭୁବନେଶ୍ୱର (ପିଏନ୍): ମହାମାରୀ କୋଭିଡରେ ସାରା ବିଶ୍ୱ ପ୍ରଭାବିତ ହୋଇଥିବା ବେଳେ ଆମ ଦେଶ ମଧ୍ୟ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ବହୁ ସଂଖ୍ୟାରେ ଲୋକଙ୍କ ଜୀବନ ଯାଇଥିବା ବେଳେ ଅନେକ ପରିବାର ନିଶ୍ଚିହ୍ନ ହୋଇଯାଇଛି। କୋଭିଡ କାଳରେ ବ୍ୟାପକ ଅବ୍ୟବସ୍ଥା ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଅମ୍ଳଜାନ ଓ ବେଡ୍‌ର ଅଭାବ ଯୋଗୁ ଅକାଳରେ ଅନେକ ଜୀବନ ଯାଇଛି। ମାତ୍ର ମୋଦି ସରକାର ଏ ସବୁ ଅବ୍ୟବସ୍ଥା ଓ କୋଭିଡ୍ ମୃତ୍ୟୁ ସଂଖ୍ୟା ଲୁଚାଇ ବାହା ବାହା ନେବାକୁ ହୀନ ପ୍ରୟାସ କରିଛନ୍ତି। ଯାହାକି ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ସ୍ପଷ୍ଟ ହୋଇଛି। ମୋଦି ସରକାର ଆମ ଦେଶରେ କୋଭିଡ ଜନିତ ମୃତ୍ୟୁ ସଂଖ୍ୟା ୪.୮ ଲକ୍ଷ ଦର୍ଶାଇଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହା ୪୭ ଲକ୍ଷ ବୋଲି କହିଛି। ଯାହାକି ମୋଦି ସରକାରଙ୍କ ଅପାରଗତାକୁ ପଦାରେ ପକାଇ ଦେଇଛି ବୋଲି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତିରେ ଡ. ଲେଙ୍କା କୋଭିଡ୍ ପରିଚାଳନା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅପାରଗତା ସମ୍ପର୍କରେ କହିବା ସହ ପ୍ରକୃତ କୋଭିଡ୍ ମୃତ୍ୟୁ ସଂଖ୍ୟାକୁ ସାମ୍ନାକୁ ଆଣିବା ନିମନ୍ତେ ସରକାର ସର୍ବଦଳୀୟ ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରିବାକୁ ଦାବି କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଦାବି ରଖିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ କୋଭିଡ ସମୟରେ କୁଢ଼ କୁଢ଼ ମୃତ ଦେହ ଗଙ୍ଗା ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଲୋକେ ଅକ୍ସିଜେନ୍ ପାଇଁ ତହଲ ବିକଳ ହେଉଥିଲେ। ଏହି ସମୟରେ ଯୁବ କଂଗ୍ରେସ ତା'ର ଯୁବ ସାଥିମାନଙ୍କୁ ନେଇ କୋଭିଡ୍ ଆକ୍ରାନ୍ତଙ୍କୁ ପାରୁପର୍ଯ୍ୟନ୍ତ ସହାୟତା କରିବା ପାଇଁ ଉଦ୍ୟମ କରିଥିଲା। ବିଶେଷ କରି ରାଜଧାନୀ ଦିଲ୍ଲୀରେ ଯେତେବେଳେ ସଙ୍କଟଜନକ ପରିସ୍ଥିତି ଉପୁଜିଥିଲା, ସେତେବେଳେ ସରକାର ହାତ ଟେକି ଦେଇଥିଲେ। ମାତ୍ର ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଶ୍ରୀନିବାସ ବିଭିଙ୍କ ନେତୃତ୍ୱରେ ସେତେବେଳେ ଯୁବ ସାଥିମାନେ ରୋଗୀଙ୍କୁ ଅକ୍ସିଜେନ୍ ଯୋଗାଣ ସହ ବିଭିନ୍ନ ସହାୟତା କରିଥିଲେ। ତାଙ୍କ ନେତୃତ୍ୱରେ ଦେଶ ଓ ଦେଶ ବାହାରର ବହୁ ସ୍ୱେଚ୍ଛାସେବୀ ସଂଗଠନ କୋଭିଡ୍ ବିରୋଧି ଲଢ଼େଇରେ ସାମିଲ ହୋଇଥିଲେ। ଏଥିପାଇଁ ସେମାନେ ଶ୍ରୀନିବାସ ବିଭିଙ୍କୁ ଅକ୍ସିଜେନ୍ ମ୍ୟାନ୍ ଆଖ୍ୟା ଦେଇଥିଲେ। ମାତ୍ର ମୋଦି ସରକାର ଯୁବ କଂଗ୍ରେସର ଏହି ସହାୟତା ଅଭିଯାନକୁ ଗ୍ରହଣ କରିପାରି ନ ଥିଲେ। ଏଥିପାଇଁ ଶ୍ରୀନିବାସ ବିଭିଙ୍କୁ ଜେରାର ସମ୍ମୁଖୀନ ହେବାକୁ ପଡ଼ିଥିଲା ଓ ଯୁବ କଂଗ୍ରେସ କର୍ମୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଆସିବା ପରେ ସରକାର କୋଭିଡ୍ ମୃତକଙ୍କ ସଂଖ୍ୟା ଲୁଚାଇଥିବା ଓ ବ୍ୟାପକ କୋଭିଡ୍ ସହାୟତା ପାଣ୍ଠି ହେରଫେର କରିଥିବା ସ୍ପଷ୍ଟ ହୋଇଛି। ତେଣୁ ପ୍ରକୃତ ସତ୍ୟ ସାମ୍ନାକୁ ଆଣିବା ପାଇଁ ସରକାର ସବୁ ଦଳର ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରିବାକୁ ଡ. ଲେଙ୍କା ଦାବି କରିଛନ୍ତି।

# ମାନବ ଜାତି ତିଷ୍ଠି ରହିବାକୁ ହେଲେ ବିଶ୍ୱଶାନ୍ତି ଅପରିହାର୍ଯ୍ୟ

ଭୁବନେଶ୍ୱର (ପିଏନ୍): ୟୁନିଟ-୪ ସ୍ଥିତ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତ ପକ୍ଷରୁ ମାଷ୍ଟର କ୍ୟାଂଟିନ ଛକ ଏବଂ ରାଜମହଲ ଛକଠାରେ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ବିଶ୍ୱବ୍ୟାପୀ ବ୍ୟାନର ପ୍ରଦର୍ଶନୀ କରାଯାଇଛି। ଯେଉଁଥିରେ ଏ ଶାନ୍ତିବାର୍ତ୍ତା ଦିଆଯାଉଛି ଯେ ତୃତୀୟ ବିଶ୍ୱଯୁଦ୍ଧ ନହେଉ ଅଥବା ବନ୍ଦ କରାଯାଉ। ସାମ୍ବାଦିକମାନଙ୍କୁ ସୂଚନା ଦେଇ ଅହମଦୀୟା ମୁସଲିମ ଜମାତ ଭୁବନେଶ୍ୱରର ସଭାପତି ମୁହମ୍ମଦ ନୁରୁଦ୍ଦିନ ଅମିନ କହିଲେ; ବର୍ତ୍ତମାନ ୟୁକ୍ରେନ ଓ ରୁଷ ମଧ୍ୟରେ ଯେଉଁ ଭୟାବହ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି, ସେଥିରୁ ଆଶଙ୍କା କରାଯାଉଛି ଯେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବ। ତୃତୀୟ ବିଶ୍ୱଯୁଦ୍ଧ ହୋଇଗଲେ ମାନବ ଜାତି ଭୟାବହ ଧ୍ୱଂସଲୀଳା ଦେଖିବ। ଇତିହାସ ସାକ୍ଷୀ ଏବଂ ଆମେ ବି ଜାଣିଛେ ବିଂଶ ଶତାବ୍ଦିରେ ଦୁଇଗୋଟି ଐତିହାସିକ ବିଧ୍ୱଂସକାରୀ ବିଶ୍ୱଯୁଦ୍ଧ ହୋଇଥିଲା। ସେଥିରୁ ଶିକ୍ଷା ହାସଲ କରିବା ଉଚିତ। ଏ ସଂପର୍କରେ




ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟ ବିଭିନ୍ନ ଜାତି ଓ ସଂପ୍ରଦାୟର ମୁଖ୍ୟଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଯେ ସେମାନେ ଜାତିବାଦ ଓ ବ୍ୟକ୍ତିଗତ ଲାଭକୁ ଭୁଲି ସବୁ କ୍ଷେତ୍ରରେ ପ୍ରକୃତ ନ୍ୟାୟକୁ ପ୍ରତିଷ୍ଠା କରି ବିଶ୍ୱଶାନ୍ତି ଓ ନିରାପତାକୁ ଅଗ୍ରାଧିକାର ଦିଅନ୍ତୁ। ମୌଲାନା ଫଜଲ ହକ ଖାଁ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଲେ; ଯଦି ବିଶ୍ୱବାସୀ ବିଶ୍ୱଶାନ୍ତି ଚାହୁଁଛନ୍ତି ତେବେ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟଙ୍କ ଏହି ୧୦ଗୋଟି ନୀତିବାଣୀକୁ ପାଳନ କରିବା ଉଚିତ। ୧. ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନନ୍ତୁ । ୨. ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରନ୍ତୁ। ୩. ବିଶ୍ୱବ୍ୟାପୀ ଏକତାକୁ ପ୍ରଶ୍ରୟ ଦିଅନ୍ତୁ। ୪. ପରମାଣୁ ଅସ୍ତ୍ରର ବର୍ଜନ କରନ୍ତୁ। ୫. ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ କରିବା ବନ୍ଦ କରନ୍ତୁ। ୬. ଅର୍ଥନୈତିକ ସମାନତା ସୃଷ୍ଟି କରନ୍ତୁ ଏବଂ ଦାରିଦ୍ର୍ୟ ଦୂର କରନ୍ତୁ। ୭. ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରନ୍ତୁ। ୮. ଚରମପନ୍ଥୀ ଦଳର ପ୍ରତିବାଦ କରନ୍ତୁ। ୯. ମାନବ ଜାତିର ସେବା କରନ୍ତୁ। ୧୦. ପାରସ୍ପରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତୁ। ଏହିଭଳି ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାର କାର୍ଯ୍ୟକ୍ରମ ମଧ୍ୟ ସକାଳ ୯:୦୦ରୁ ୧୧:୦୦ କଳ୍ପନା ଛକ ଏବଂ ସଂଧ୍ୟା ୪:୦୦ରୁ ୫:୦୦ ପର୍ଯ୍ୟନ୍ତ ରାମମନ୍ଦିର ଛକଠାରେ ଅନୁଷ୍ଠିତ ହୋଇଥିଲା ବୋଲି ଭୁବନେଶ୍ୱର ଅହମଦୀୟା ଯୁବ ସଂଗଠନର ସଭାପତି ସମିର ଅହମଦ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୌଲାନା ନବିଦୁଲ ଫତାହ, ମୌଲାନା ଅଲିମ ଖାଁ, ମୌଲାନା ଅବ୍ଦୁଲ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ଏଲିମେଣ୍ଟାରୀ ଟି.ଜି. ଶିକ୍ଷକ ସଂଘର ଗ୍ରୀଷ୍ମବକାଶ ବାତିଲକୁ ବିରୋଧ

ବାଲେଶ୍ୱର (ପିଏନ୍)- ନିଖିଳ ଉତ୍କଳ ଏଲିମେଣ୍ଟାରୀ ଟି.ଜି ଶିକ୍ଷକ ସଂଘର ଏକ ଜରୁରୀ ଆଭାସୀ ବୈଠକ ସଂଘର ସଭାପତି ଲକ୍ଷ୍ମଣ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସଂପାଦକ ମୂରଲୀଧର ନାୟକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ରାଙ୍କ ନଂ ୭୭୯୧ ତା।୧୬.୪. ୨୦୨୨ରିଖରେ ଦର୍ଶାଯାଇଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଗ୍ରୀଷ୍ମବକାଶକୁ ବାତିଲ କରିବା ଦ୍ୱାରା ଲକ୍ଷ ଲକ୍ଷ ଶିଶୁମାନଙ୍କ ସହ ସରକାର ମାନସିକ ଭାରାକ୍ରାନ୍ତ କରୁଛନ୍ତି ବୋଲି ଅଭିଯୋଗ ଉଠିଥିଲା। ପାଠ୍ୟଦାନ ଓ ପାଠ୍ୟଗ୍ରହଣ ଏକ ମାନସିକ ପ୍ରକ୍ରିୟା, କୋଭିଡ୍ ୧୯ର କରାଳଛାୟା ସମଗ୍ର ବିଶ୍ୱ ପାଇଁ ଆତଙ୍କ ଥିଲା। ଏହି ଆତଙ୍କ ମଧ୍ୟରେ ସମସ୍ତ ଛାତ୍ରଛାତ୍ରୀ, ପିତାମାତା, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଭୟର ବାତାବରଣ ମଧ୍ୟରେ ଥିଲେ। ମହାମାରୀ କରୋନା ସମୟରେ ପାଠ୍ୟଦାନକୁ ଶତ ପ୍ରତିଶତ ପରିପୁଷ୍ଟ କରିବାକୁ ମହାମାରୀ ଅଂଶୁଘାତ ସମୟ ହିଁ ପ୍ରକୃଷ୍ଟ ସମୟ ବୋଲି ସରକାର ବିବେଚନା କରିଛନ୍ତି। ସରକାର ଭାବୁଛନ୍ତି ଗାଁର ସ୍କୁଲକୁ ଗାଁର ପିଲାମାନେ ଯିବେ, ମଧ୍ୟାହ୍ନ ଭୋଜନ ଖାଇବେ, ତୃତୀୟ ପକ୍ଷ ଦ୍ୱାରା ବ୍ରିଜ୍ କୋର୍ସରେ ୨ ବର୍ଷର ପାଠକୁ ୮୧ ଘଣ୍ଟାରେ ସମାପ୍ତ କରିବେ, କିନ୍ତୁ ଓଡ଼ିଶାର ଅନେକ ଦୁର୍ଗମ ଅଞ୍ଚଳ ଅଛି ଯେଉଁଠିକୁ ସ୍କୁଲ ୨ରୁ ୩ କିମି ଦୂର ଓ ପିଲାମାନେ ଚାଲି ଚାଲି ଯା ଆସ କରନ୍ତି, ସେଠାକାର ଅବସ୍ଥା କଣ ହେବ ବୋଲି ସଂଘ ପ୍ରଶ୍ନ ଉଠାଉଛି। ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲେ ଦାୟୀ କିଏ ରହିବ? କୋଭିଡ୍ ସମୟରେ ୨ ବର୍ଷ ଧରି ଘରେ ବାନ୍ଧି ହୋଇ ରହିଥିବା ପିଲାଟି ଗ୍ରୀଷ୍ମବକାଶରେ ମଧ୍ୟ ବୁଲିବାକୁ ଯାଇପାରିବ ନାହିଁ। କୋଭିଡ୍ ଯୋଦ୍ଧା ନ ହୋଇ ମଧ୍ୟ ଅସ୍ଥାୟୀ କୋଭିଡ୍ ହସ୍ପିଟାଲର ଦାୟିତ୍ୱ, ଟ୍ରେନ ଓ ବସରେ ପ୍ରବାସୀ ଓଡ଼ିଆଙ୍କୁ କୋଭିଡ୍ ସେଣ୍ଟରକୁ ନେବା ସହ ସେମାନଙ୍କ ଯତ୍ନ ନେବା, ଟୀକାଦାନ ବେଳର ଦାୟିତ୍ୱ, ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ପୁସ୍ତକ, ପୋଷାକ, ଚାଉଳ, ଟଙ୍କା, ବଣ୍ଟନ, ୨ଟି ବାତ୍ୟା ସହାୟତା କାର୍ଯ୍ୟ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ, ପୌରାଞ୍ଚଳ ନିର୍ବାଚନ, ଉପନିର୍ବାଚନର କାର୍ଯ୍ୟ, ଗାଁକୁ ଯାଇ ନାସ ଏଫଏଲଏନ ପାଠ୍ୟଦାନ ଶିକ୍ଷକ ଶିକ୍ଷୟତ୍ରୀମାନେ ନିର୍ବାହ କରିଛନ୍ତି। ହେଡକ୍ୱାଟର ନ ଛାଡ଼ିବାକୁ ସରକାରଙ୍କ କଡ଼ା ନିର୍ଦ୍ଦେଶ ଥିଲା, ଯେଉଁମାନେ କାର୍ଯ୍ୟରେ ସାମାନ୍ୟ ଅବହେଳା କରିଛନ୍ତି ସେମାନଙ୍କୁ କଠୋର ଦଣ୍ଡ ଦିଆଯାଇଛି। ଗ୍ରୀଷ୍ମବକାଶକୁ ବାତିଲ କରି ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ମାନସିକ ଚାପ ବୃଦ୍ଧି କରାଯାଉଛି। ତଥାପି ସହନଶିଳତାର ପ୍ରତିକ ସମାଜ ର ଆଗଧାଡ଼ିର ମଣିଷ ଶିକ୍ଷକ ସମାଜ, ଅଂଶୁଘାତକୁ ଭ୍ରୁକ୍ଷେପନ କରି ଏହି ବ୍ରିଜ କୋର୍ସକୁ କାର୍ଯ୍ୟରେ ପରିଣତ କରିବାକୁ ପ୍ରସ୍ତୁତ। ଛାତ୍ରଛାତ୍ରୀଙ୍କର ମାନସିକ ସନ୍ତୁଳନ, ସ୍ୱାସ୍ଥ୍ୟଗତ୍ୟ ସମସ୍ୟା ସରକାର ଗୁରୁତ୍ୱ ଦେବା ସହ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ସମ ପରିମାଣର ଅର୍ଜିତ ଛୁଟି ପିଲାଙ୍କ ଯାତାୟାତ ବ୍ୟବସ୍ଥା, ବିଦ୍ୟାଳୟରେ ଡାକ୍ତର ଓ ନର୍ସଙ୍କ ବ୍ୟବସ୍ଥା ଆଶୁ ଚିକିତ୍ସାର ବ୍ୟବସ୍ଥା କରାନ୍ତୁ ବୋଲି ସଂପାଦକ ସନ୍ତୋଷ କୁମାର ମିଶ୍ର, ଜର୍ନାଲ ସଂପାଦକ ସତ୍ୟବ୍ରତ ରାଉତ, ହେମନ୍ତ କୁମାର ପଣ୍ଡା, ଜାକୀର ହୁସେନ, ନିରଞ୍ଜନ ପଣ୍ଡା, ଭଜମନ ଦେହୁରୀ, ଅଜିତ କୁମାର ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ସଂପାଦକ ସୁବାସ ଦାସ ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ, ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀର ବରିଷ୍ଠ ସଦସ୍ୟ ଭୃଗୁ ବକ୍ସିପାତ୍ର, ମଞ୍ଚେଶ୍ୱର ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ପ୍ରସନ୍ନ ରଥ ପ୍ରମୁଖ ଯୋଗଦେଇ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଶାଖାର ଉପ-ସଭାପତି ସୁବ୍ରତ ମହାପାତ୍ର, ସମ୍ପାଦିକା ବାସନ୍ତି ତ୍ରିପାଠୀ, ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ଦିପ୍ତିମୟୀ ନାୟକ, ଗୋପୀ ମୋହନ ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ ଓ ରାମଚନ୍ଦ୍ର ସାମଲ ଆଦି ବହୁ ସଦସ୍ୟ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ।

# ସମ୍ବିଧାନର ସୁରକ୍ଷା ଦେଶର ସୁରକ୍ଷା

କେନ୍ଦ୍ରାପଡା (ପିଏନ୍): ଡକ୍ଟର ଆମ୍ବେଦକର ବିଚାର ମଞ୍ଚ, କେନ୍ଦ୍ରାପଡା ପକ୍ଷରୁ ସମ୍ବିଧାନ ପ୍ରଣେତା ତଥା ଭାରତବର୍ଷର ପ୍ରଥମ ଆଇନମନ୍ତ୍ରୀ ପୁଣ୍ୟାତ୍ମା ବାବା ସାହେବ ଡଃ. ଭୀମରାଓ ଆମ୍ବେଦକରଙ୍କ ୧୩୧ତମ ଜନ୍ମ ଜୟନ୍ତୀ ବିଚାର ମଞ୍ଚର ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡାଙ୍କ ପୌରହିତ୍ୟରେ କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡଠାରେ ପାଳିତ ହୋଇଯାଇଛି । ପ୍ରଥମେ ବାବା ସାହେବଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ମହାତ୍ମା ଗାନ୍ଧୀ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀରେ ମଧ୍ୟ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ଏହି ପୁଣ୍ୟପୀଠରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ସଭାପତିତ୍ୱ କରି ଅଧ୍ୟକ୍ଷ ନନ୍ଦକିଶୋର ପରିଡା ସମ୍ବିଧାନର ଭାବ ଓ ଭାଷାର ଯଥାର୍ଥ ଅନୁପାଳନ କରିପାରିଲେ ଡଃ. ଅମ୍ବେଦକରଙ୍କ ଉଦ୍ଦେଶ୍ୟ ସାଧିତ ହେବ ବୋଲି ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକାରୀ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଆମ୍ବେଦକରଙ୍କୁ ସମ୍ବିଧାନର ମୁଖ୍ୟ ସ୍ଥପତି ଅଭିହିତ କରିବାର ଯଥାର୍ଥତା ଉପରେ ଆଲୋକପାତ କରି ସେ କିପରି ଏକାକୀ ଚିଠା କମିଟିର ଗୁରୁଦାୟିତ୍ୱ ବହନ କରିଥିଲେ ଓ ସମ୍ବିଧାନ ପ୍ରଣୟନ ସଭାରେ ଦୃଢତା, ଦକ୍ଷତା ଓ ବୁଦ୍ଧିମତାର ସହ ଚିଠା ବିଲ୍ ପରିଚାଳନା କରିଥିଲେ ତା' ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, ଆଇନଜୀବି ଧିରେନ ସାହୁ, ଡଃ. ବାସୁଦେବ ଦାସ, ଓକିଲ ସଂଘ ସଭାପତି ଧ୍ରୁବଚରଣ ଜେନା, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଆଇନଜୀବି ସରୋଜରାଜ ସିଂ, ଜିଲ୍ଲା କଂଗ୍ରେସ ଉପ ସଭାପତି ପ୍ରଫୁଲ୍ଲ ଦାସ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ସିପିଆଇ ନେତା ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ପ୍ରଫେସର ଅଜୟ ସାମଲ, କଂଗ୍ରେସ ନେତା ଗୋପାଳ କୃଷ୍ଣ ଜେନା, ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡା, ମଞ୍ଚର ସାଧାରଣ ସମ୍ପାଦକ ମୁକ୍ତାର ଖାଁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ମିର୍ ମୁରସିଦ୍, ଛାତ୍ର କଂଗ୍ରେସ ସଭାପତି ପରଭେଜ ଅକ୍ତର, ଯୁବ କଂଗ୍ରେସ ସଭାପତି ରତିକାନ୍ତ ସାମଲ, ପୂର୍ବତନ ସରପଞ୍ଚ ନାରାୟଣ ଚନ୍ଦ୍ର ପରିଡା, କାଉନସିଲର ତୁଳସୀ ହେମ୍ବ୍ରମ୍ ପ୍ରମୁଖ ସମ୍ବିଧାନର ସୁରକ୍ଷା ଦେଶର ସୁରକ୍ଷା ମର୍ମରେ ଅଭିଭାଷଣ ରଖିଥିଲେ । ସାମ୍ବାଦିକ ଆଶିଷ ସେନାପତି, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ କାଉନସିଲର ପ୍ରଫୁଲ୍ଲ ସାହୁ, ମହିଳା କଂଗ୍ରେସ ସଭାପତି ପରୱିନ୍ ଯସ୍ମିନ୍, ଜଗତ ଜୀବନ ଦାସ, କାଉନସିଲର ରମେଶ ଚନ୍ଦ୍ର ଦାସ, ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ସର୍ବେଶ୍ୱର ସେଠୀ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ଜାତମୁଣ୍ଡିଆଠାରେ ମା' ପୋଟଳେଇଙ୍କ ଝାମୁ ଯାତ୍ରା



ବାଙ୍କୀ (ପିଏନ୍-ପବିତ୍ର ଚୈତ୍ର ପୂର୍ଣ୍ଣମା ଅବସରରେ ବାଙ୍କୀ ଡମପଡ଼ା ଅଞ୍ଚଳର ବହୁ ପ୍ରାଚୀନ କାଳଠାରୁ ଜାତମୁଣ୍ଡିଆ ସ୍ଥିତ ମା'ପୋଟଳେଇଙ୍କ ପୀଠରେ ବହୁବର୍ଷ ଧରି ବହୁ ମାନସିକ ଧାରି କାଳେସୀ ଝାମୁଆମାନେ ଏହି ଦିନରେ ମା' ପୋଟଳେଇଙ୍କ ଆଳତୀ, ସ୍ୱତନ୍ତ୍ର ମାଜଣାରେ ମା' ସୁସଜ୍ଜିତ ହେଲା ପରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ସକାଳୁ ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଦୀର୍ଘ ଦୁଇ ବର୍ଷ କରୋନା କଟକଣା ପରେ ଏହି ପର୍ବରେ ବହୁ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିବା ବେଳେ ସକାଳୁ ଝାମୁଆଙ୍କ ସହଯୋଗୀମାନେ ପହିଖୋଳି ସେଥିରେ କୋଇଲା ଓ କାଠ ଭର୍ତ୍ତି କରି ଏହାକୁ ପ୍ରସ୍ତୁତ କରିଥିଲେ। ଝାମୁଆ ଅସିବା ପୂର୍ବରୁ ଅଗ୍ନିସଂଯୋଗ କରାଯାଇଥିଲା। ମଧ୍ୟାହ୍ନରେ ଝାମୁଆମାନେ ମା'ଙ୍କ ପୀଠରୁ ଠାକୁରାଣୀଙ୍କ ଚଳିତ ପ୍ରତିମାକୁ ଏକ ବିଶାଳ ପଟୁଆର ସହିତ କୀର୍ତ୍ତନ ଓ ଢ଼ୋଲବାଜା କରାଯାଇ ଝାମୁଆମାନେ ନୂତନ ବସ୍ତ୍ର ପରିଧାନ କରି ସେଠାରୁ କାଳେସୀଙ୍କ ଆଜ୍ଞାମାଳ ସହିତ ଝାମୁଆମାନେ ଝାମୁ ଚାଲିଥିଲେ।

## ନବନିର୍ବାଚିତ ପାରିଷଦଙ୍କ ସଫେଇ କାର୍ଯ୍ୟକ୍ରମ



ବାଙ୍କୀ (ପିଏନ୍)- ବାଙ୍କୀ ଏନ୍ଏସିର ୧୦ନମ୍ବର ୱାର୍ଡର ନବନିର୍ବାଚିତ କାଉନସିଲର ରାଜେନ୍ଦ୍ର ମହାପାତ୍ର ନିଜ ୱାର୍ଡର ବିଭିନ୍ନ କଲୋନୀ ତଥା ରାସ୍ତାଘାଟ, ଡ୍ରେନ୍ କୁ ନିଜେ ସଫା କରି ଅନ୍ୟକୁ ଉଦାହରଣ ସାଜିଥିବା ଦେଖିବାକୁ ମିଳିଛି। ଏଭଳି କାର୍ଯ୍ୟକ୍ରମକୁ ୧୦ନମ୍ବର ୱାର୍ଡର ବାସିନ୍ଦା ଏହାକୁ ସ୍ୱାଗତ କରିବା ସହ କାଉନସିଲରଙ୍କୁ ପ୍ରଶଂସା କରିଛନ୍ତି।

## ପେଟ୍ରୋଲିୟମ ପଦାର୍ଥର ଅତ୍ୟଧିକ ଦରବୃଦ୍ଧି ପ୍ରତ୍ୟାହାର ଦାବିରେ ସିପିଆଇ(ଏମ) ପକ୍ଷରୁ ଗଣବିକ୍ଷୋଭ




କେନ୍ଦ୍ରାପଡ଼ା (ପିଏନ୍): ଭାରତର କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଖାଇବା ତେଲର ଦର ବୃଦ୍ଧିକୁ ତୁରନ୍ତ ହ୍ରାସ କରିବା ଦାବିରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଗତ ମାର୍ଚ୍ଚମାସ ୨୨ତାରିଖ ଠାରୁ ଲଗାତର ଭାବେ ୧୧ଥର ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ଘଟିଛି। ରନ୍ଧନ ଗ୍ୟାସ ଏହି ସମୟ ମଧ୍ୟରେ ୫୦ ଟଙ୍କା ବୃଦ୍ଧି ପାଇଛି। ତୈଳଦର ବୃଦ୍ଧି ଯୋଗୁଁ ସବୁ ଜିନିଷର ମୂଲ୍ୟ ବଢିବା ସହିତ ବସ, ଟ୍ରକ, ଟ୍ୟାକ୍ସି ଓ ଅଟୋର ଭଡା ମଧ୍ୟ ବଢିଛି। ଦୁଇଚକିଆ ଓ ଚାରିଚକିଆ ଗାଡି ବ୍ୟବହାର କରୁଥିବା ଲୋକଙ୍କୁ ପ୍ରତି ଲିଟର ପିଛା ୭ଟଙ୍କା ଅଧିକ ଦେବାକୁ ପଡୁଛି। ଅର୍ଥାତ ଜଣେ ଗୋଟିଏ ଲିଟର ତେଲ ବ୍ୟବହାର କଲେ ମାସକୁ ୩ହଜାର ଟଙ୍କା ଅଧିକ ଖର୍ଚ୍ଚ କରୁଛି। ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପ୍ରତି ୧୧୦ଡଲାର ହେଲେ ଲିଟର ପ୍ରତି ମୂଲ୍ୟ ୪୫ଟଙ୍କା ହେବା କଥା। ମାତ୍ର ସରକାର ତେଲ ଉପରେ ୫୫ଟଙ୍କାରୁ ଅଧିକ ଅତିରିକ୍ତ ଟିକସ ବସାଇଛନ୍ତି। ଏହା ଦେଶବାସୀଙ୍କୁ ଦିନ ଦିପହରରେ ଲୁଟ। ତୈଳ ଦର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଖାଉଟି ସାମଗ୍ରୀର ଦର ଆକାଶଛୁଆଁ ହେଲାଣି। ଅତ୍ୟଧିକ ଟିକସ ଲୋକଙ୍କ ପାଖରୁ ଆଦାୟ କରି ବଛା ବଛା ପୁଞ୍ଜିପତି ଓ କର୍ପୋରେଟରମାନଙ୍କୁ ନାନା ଉପାୟରେ ଟିକସ ରିହାତି ଓ ଛାଡ କରିବା ଯୋଗୁଁ ଦରଦାମ ବୃଦ୍ଧି ଘଟୁଛି। ଦେଶ ତଥା ଆମ ରାଜ୍ୟର ସାଧାରଣ ଜନତା ଏହି ମୂଲ୍ୟ ବୃଦ୍ଧିରେ ସନ୍ତୁଳିତ ହେଉଛନ୍ତି। ତେଲ ଉପରୁ ବିପୁଳ ପରିମାଣର ଟିକସ ପ୍ରତ୍ୟାହାର କରି ଲୋକଙ୍କୁ ଲୁଟ କରିବା ବନ୍ଦ କରାଯିବାକୁ କେନ୍ଦ୍ର ସରକାରଙ୍କୁ ବାଧ କରିବା ପାଇଁ ସି.ପି.ଆଇ.(ଏମ) ଜିଲ୍ଲା କମିଟି ପକ୍ଷରୁ ଆଜିର ଗଣ ବିକ୍ଷୋଭ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପିତାମ୍ବର ସାମଲଙ୍କୁ ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ସଭାପତିତ୍ୱ କରିଥିଲେ ପାର୍ଟିର ବରିଷ୍ଠ ନେତା ଜଗତଜୀବନ ଦାଶ। ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବରିଷ୍ଠ ନେତା ଉମେଶ ଚନ୍ଦ୍ର ସିଂହ, ମାଧବ ଦାସ, ଜିଲ୍ଲା କମିଟି ସଭ୍ୟ କାଳି ପ୍ରସାଦ ନାୟକ, ଶ୍ରମିକ ନେତା ଧନେଶ୍ୱର ରାଉତ, ରମେଶ ଚନ୍ଦ୍ର ମଲିକ, କୃଷକ ନେତା ବିଜୟ ଦାସ, ଦାଶରଥି ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସୁଷମା ପଣ୍ଡା, କେଦାର ବେହୁରା, ମଥୁରୀ ମଲିକ, ରମେଶ ପ୍ରଧାନ, ଲକ୍ଷ୍ମୀପ୍ରିୟା ପଣ୍ଡା, ଉମାକାନ୍ତ ତ୍ରିପାଠୀ, ସତ୍ୟନାରାୟଣ ରାଉତ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ଚିତ୍ତଜ୍ଞାନୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର



ବାଙ୍କୀ (ପିଏନ୍)- ଚିତ୍ତଜ୍ଞାନୀ ଚାରିଟେବୁଲ୍ ଟ୍ରଷ୍ଟ କଟକ ତରଫରୁ ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ପାଥପୁର ପଞ୍ଚାୟତର ପାଥପୁର ଗ୍ରାମ ୟୁଜିଏମ୍ଇ ସ୍କୁଲ ଠାରେ ୬୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଦିନିକିଆ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କଟକ ଜିଲ୍ଲାପାଳ ଭବାନୀଶଙ୍କର ଚଇନୀ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଦଣ୍ଡେଶ୍ୱର ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବାଙ୍କୀ ଉପଜିଲ୍ଲାପାଳ ରଞ୍ଜନ କୁମାର ଜେନା, କଟକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଡମପଡ଼ା ବିଡିଓ ଶ୍ୟାମଳ ରାୟ, ଡମପଡ଼ା ତହସିଲଦାର କ୍ଷୀତିଶ୍ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିବାବେଳେ ଉକ୍ତ ଶିବିରରେ ଅସ୍ଥିଶଲ୍ୟ, ଚକ୍ଷୁ, ଭେଷଜ, ବୃକକ୍, ସ୍ତ୍ରୀ ଓ ପ୍ରସୂତୀ , କର୍ଣ୍ଣ, ନାସା, ଗଳା ଆଦି ରୋଗର ପ୍ରମୁଖ ବିଭାଗ ବରିଷ୍ଠ ଡାକ୍ତର ଓ ପ୍ରଫେସରମାନେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଉକ୍ତ ଶିବିରରେ ୬୪୭ ଜଣ ବରିଷ୍ଠ ନାଗରିକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।




# ସିଆରପିଏଫ୍ ର ୮୪ ତମ ସ୍ଥାପନା ଦିବସ ଉତ୍ସବରେ ଯୋଗଦେଲେ କେନ୍ଦ୍ର ଗୃହ ମନ୍ତ୍ରୀ

ରାୟପୁର, (ପି.ଏନ): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଶନିବାର ଛତିଶଗଡର ଜଗଦଲପୁର ଠାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ର ୮୪ ତମ ସ୍ଥାପନା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହ ମନ୍ତ୍ରୀ ମଧ୍ୟ ପ୍ୟାରେଡର ଅଭିବାଦନ ଗ୍ରହଣ କରିଛନ୍ତି । ଶ୍ରୀ ଅମିତ ଶାହା ମଧ୍ୟ ସ୍ଥାନୀୟ ଭାଷା ହାଲବିରେ ବସ୍ତର ଡିଭିଜନ ପାଇଁ ପ୍ରସାର ଭାରତୀର ସମ୍ବାଦ ବୁଲେଟିନ୍ ପ୍ରସାରଣକୁ ଉଦ୍ଘାଟନ କରିଥିଲେ ।ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଛତିଶଗଡ ଠାରେ ସିଆର୍‌ପିଏଫ୍ ପ୍ରତିଷ୍ଠା ହେବା ପରେ ଏବଂ ବାମପନ୍ଥୀ ଉଗ୍ରବାଦ ସମସ୍ୟା ଆରମ୍ଭ ହେବା ପର ଠାରୁ ପ୍ରଥମ ଥର ପାଇଁ ଏହି ଦିନ ପାଳନ କରାଯାଉଥିବାରୁ ଏହା ଆମ ସମସ୍ତଙ୍କ ପାଇଁ ବହୁତ ଖୁସିର ବିଷୟ । ସେ କହିଛନ୍ତି ଯେ ଛତିଶଗଡରେ ବାମପନ୍ଥୀ ଉଗ୍ରବାଦକୁ ଶେଷ କରିବା ପାଇଁ ଅଭିଯାନ ସମୟରେ ୭୬୩ ସିଆର୍ପିଏଫ୍ କର୍ମଚାରୀ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି । ଆଜି ବାମପନ୍ଥୀ ଉଗ୍ରବାଦ ବିରୋଧରେ ଆମର ସଂଗ୍ରାମ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ଅଛି, ଯେଉଁଥି ପାଇଁ ସହିଦ ଯବାନମାନେ ଅତୁଳନୀୟ ଅବଦାନ ଦେଇଛନ୍ତି ।କେନ୍ଦ୍ର ଗୃହ ମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ଜାମ୍ମୁ କାଶ୍ମୀର ହେଉ କିମ୍ବା ଉତ୍ତର ପୂର୍ବାଂଚଳରେ ଶାନ୍ତି ଫେରାଇ ଆଣିବା ପାଇଁ ହେଉ କିମ୍ବା ଆଦିବାସୀ ମାନଙ୍କର ବିକାଶ ନିମନ୍ତେ ବାମପନ୍ଥୀ ଉଗ୍ରବାଦ ବିରୋଧରେ ଲଢ଼ିବା ହେଉ, ସିଆର୍‌ପିଏଫ୍ ଯବାନମାନେ ପ୍ରତ୍ୟେକ କ୍ଷେତ୍ରରେ ଅତୁଳନୀୟ ବୀରତ୍ୱ ଏବଂ ସାହସିକତା ପ୍ରଦର୍ଶନ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଦେଶର ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ସିଆର୍‌ପିଏଫ୍‌ର ସ୍ୱର୍ଣ୍ଣିମ ଇତିହାସ ସମସ୍ତ ଯବାନ ମାନଙ୍କର ସାହସିକତା, ବୀରତ୍ୱ ଏବଂ ବଳିଦାନର ଭାବନା ଦ୍ୱାରା ଚିହ୍ନିତ ହୋଇଛି । ଶ୍ରୀ ଶାହ କହିଛନ୍ତି ଯେ ଆଜି ଏଠାରେ ସିଆର୍‌ପିଏଫ୍‌ର ୧୭୪ କୋଟି ଟଙ୍କା ମୂଲ୍ୟର ତିନୋଟି ବିକାଶମୂଳକ ପ୍ରକଳ୍ପ ମଧ୍ୟ ଆରମ୍ଭ କରାଯାଇଛି । ସେ କହିଛନ୍ତି ଯେ ଆକାଶବାଣୀ ଆଜି ଠାରୁ ହାଲବି ଭାଷାରେ ପ୍ରସାର ଭାରତୀର ସାପ୍ତାହିକ ଖବର ବୁଲେଟିନ୍ ଆରମ୍ଭ କରିଛି । ଛତିଶଗଡ ଠାରେ ଆଦିବାସୀ ଭାଷାରେ ପ୍ରଥମ ସମ୍ବାଦ ବୁଲେଟିନ୍ ଆରମ୍ଭ କରିଥିବାରୁ କେନ୍ଦ୍ର ଗୃହ ମନ୍ତ୍ରୀ ଅଲ୍ ଇଣ୍ଡିଆ ରେଡିଓ ଏବଂ ଦୂରଦର୍ଶନକୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ ଏହା କେବଳ ଆମର ସ୍ଥାନୀୟ ଭାଷାକୁ ମଜବୁତ କରିବ ନାହିଁ, ବରଂ ଏହି ଅଂଚଳରେ ବାସ କରୁଥିବା ଲୋକମାନେ ସମଗ୍ର ବିଶ୍ୱର ଖବର ପାଇପାରିବେ ଏବଂ ଦେଶ ଏବଂ ବିଶ୍ୱ ସହିତ ଯୋଡି ହୋଇପାରିବେ ।ଶ୍ରୀ ଅମିତ ଶାହ କହିଛନ୍ତି ଯେ ଆଜି ସିଆର୍‌ପିଏଫ୍ ମହିଳା ମୋଟରସାଇକେଲ ଦଳକୁ ସବୁଜ ପତାକା ଦେଖାଇବାର କାର୍ଯ୍ୟକ୍ରମ ମଧ୍ୟ ରହିଛି । ଏହି ୭୫ ଜଣ ମହିଳା ଯବାନ ୩୮ଟି ମୋଟର ସାଇକେଲରେ ୧୮୪୮ କିଲୋମିଟର ଯାତ୍ରା ଶେଷ କରିବା ପରେ ଆଜି ଏଠାରେ ପହଞ୍ଚିଛନ୍ତି । ସେମାନେ ଏହି ଯାତ୍ରା ୯ ମାର୍ଚ୍ଚ ୨୦୨୩ ରେ ଆରମ୍ଭ କରିଥିଲେ । ସେ କହିଛନ୍ତି ଯେ ଏହି ମହିଳା ଯବାନ ମାନଙ୍କର ସାହସିକତା ସାରା ଦେଶରେ ନାରୀ ଶକ୍ତିର ବାର୍ତ୍ତା ବିସ୍ତାର କରିବାରେ ସହାୟକ ହେବ । କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି ଯେ, ୨୭ ଜୁଲାଇ, ୧୯୩୯ ରେ ସିଆର୍‌ପିଏଫ୍ ପ୍ରତିଷ୍ଠା କରାଯାଇଥିଲା, କିନ୍ତୁ ଏହି ବଳକୁ ଲୌହ ମାନବ ତଥା ଦେଶର ପ୍ରଥମ ଗୃହ ମନ୍ତ୍ରୀ ସର୍ଦ୍ଦାର ପଟେଲ ଆଧୁନିକ ରୂପ ପ୍ରଦାନ କରିଥିଲେ । ସେ କହିଛନ୍ତି ଯେ ୧୯୪୯ ମସିହା ଡିସେମ୍ବର ୨୮ ତାରିଖରେ ସର୍ଦ୍ଦାର ପଟେଲ ଏହାର ନାମ ପରିବର୍ତ୍ତନ କରି କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ରଖିଥିଲେ ଏବଂ ୧୯୫୦ ମସିହା ମାର୍ଚ୍ଚ ୧୯ ତାରିଖରେ ସେ ଏହି ଫୋର୍ସକୁ ସଙ୍କେତ ପ୍ରଦାନ କରିଥିଲେ । ଶ୍ରୀ ଶାହ କହିଛନ୍ତି ଯେ ଗୋଟିଏ ବାଟାଲିୟନରୁ ଆରମ୍ଭ ହୋଇଥିବା ଏହି ବାହିନୀ ଆଜି ଦେଶର ସବୁଠାରୁ ବଡ ସିଆର୍‌ପିଏଫ୍ ଅଟେ, ଏଥିରେ ୨୪୬ ବାଟାଲିୟନ, ୪ ଟି ଜୋନାଲ ମୁଖ୍ୟାଳୟ, ୨୧ ସେକ୍ଟର ମୁଖ୍ୟାଳୟ, ୨ ଅପରେସନ୍ ସେକ୍ଟର ମୁଖ୍ୟାଳୟ, ୧୭ ଅପରେସନ୍ ରେଞ୍ଜ, ୪୨ ଟି ପ୍ରଶାସନିକ ରେଞ୍ଜ ଏବଂ ୩.୨୫ ଲକ୍ଷରୁ ଅଧିକ କର୍ମଚାରୀ ଅଛନ୍ତି ।ଶ୍ରୀ ଅମିତ ଶାହ ଏହା ମଧ୍ୟ କହିଛନ୍ତି ଯେ ୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଲଦାଖର ହଟ୍ ସ୍ପ୍ରିଙ୍ଗରେ ଚାଇନା ସେନା ସହିତ ଲଢୁଥିବାବେଳେ ସିଆର୍ପିଏଫ୍ ଯବାନମାନେ ଅଦମ୍ୟ ସାହସ ଏବଂ ବଳିଦାନର ଭାବନା ପ୍ରଦର୍ଶନ କରିଥିଲେ ଏବଂ ସହିଦ ହୋଇ ଯାଇଥିଲେ । ସେମାନଙ୍କର ପ୍ରାଣବଳିକୁ ଅମର କରିବା ପାଇଁ ଦେଶ ୨୧ ଅକ୍ଟୋବରକୁ ପୁଲିସ୍ ସ୍ମୃତି ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଛି । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଚାଣକ୍ୟପୁରୀ ଠାରେ ଜାତୀୟ ପୁଲିସ ସ୍ମାରକୀ ନିର୍ମାଣ କରାଇଛନ୍ତି ଯେଉଁଠାରେ ପ୍ରତିବର୍ଷ ୨୧ ଅକ୍ଟୋବରରେ ସହିଦ ପୁଲିସ କର୍ମଚାରୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଏ । ସେ କହିଛନ୍ତି ଯେ ୧୯୬୫ ମସିହା ଏପ୍ରିଲ ୯ ତାରିଖରେ, ସିଆର୍‌ପିଏଫ୍ ସାହସର ସହିତ କଚ୍ଛ ମରୁଭୂମିରେ ସର୍ଦ୍ଦାର ପୋଷ୍ଟ ଠାରେ ପାକିସ୍ତାନୀ ସେନାକୁ ଉପଯୁକ୍ତ ଉତ୍ତର ଦେଇଥିଲା ଏବଂ ଏହି ଦିବସକୁ ପାଳନ କରିବା ପାଇଁ ୯ ଏପ୍ରିଲକୁ ସାରା ଦେଶରେ ଶୌର୍ଯ୍ୟ ଦିବସ ଭାବରେ ପାଳନ କରାଯାଇଥାଏ ।ଶ୍ରୀ ଅମିତ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ସୁରକ୍ଷା ବାହିନୀ ଗତ ୯ ବର୍ଷ ମଧ୍ୟରେ ବାମପନ୍ଥୀ ଉଗ୍ରବାଦ ବିରୋଧରେ ଏକ ନିର୍ଣ୍ଣାୟକ ଯୁଦ୍ଧ କରିଛି ଏବଂ ବିପୁଳ ସଫଳତା ହାସଲ କରିଛି । ସେ କହିଛନ୍ତି ଯେ ବାମପନ୍ଥୀ ଉଗ୍ରବାଦୀ ମାନଙ୍କ ଯୋଗୁଁ ବିକାଶର ମାର୍ଗରେ ଦେଖା ଦେଇଥିବା ପ୍ରତିବନ୍ଧକକୁ ହଟାଇବାରେ ସିଆର୍‌ପିଏଫ୍ ସକ୍ଷମ ହୋଇଛି । ଶ୍ରୀ ଶାହ ସୂଚନା ଦେଇଛନ୍ତି ଯେ ସମସ୍ତ ସମସ୍ୟା କ୍ଷେତ୍ର ଗୁଡିକରେ ସିଆର୍‌ପିଏଫ୍ ସ୍ଥାନୀୟ ପୁଲିସ ସହିତ ମିଶି ସେମାନଙ୍କୁ ଉତ୍ସାହିତ କରି ଏକ ଅତୁଳଣୀୟ ଶକ୍ତି ସୃଷ୍ଟି କରି ଏହାର ସାଂଗଠନିକ ଦକ୍ଷତା ପ୍ରଦର୍ଶନ କରିଥିଲା । କେନ୍ଦ୍ର ଗୃହ ମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ବାମପନ୍ଥୀ ଉଗ୍ରବାଦ ସହ ଜଡିତ ହିଂସା ଘଟଣା ୨୦୧୦ ମସିହାରେ ଚରମ ସୀମାରେ ପହଂଚିଥିବା ବେଳେ ତାହା ୭୬% ହ୍ରାସ ପାଇଛି ଏବଂ ଜୀବନ ହାନି ମଧ୍ୟ ପ୍ରାୟ ୭୮% ହ୍ରାସ ପାଇଛି । ଏହା ବ୍ୟତୀତ ବାମପନ୍ଥୀ ଉଗ୍ରବାଦୀ ମାନଙ୍କୁ ଆନ୍ତଃ ରାଜ୍ୟ ସୀମାର ଫାଇଦା ଉଠେଇବା କ୍ଷେତ୍ରରେ ପ୍ରତିବନ୍ଧକ ଲଗାଇବା ପାଇଁ ସିଆର୍‌ପିଏଫ୍ ବିଭିନ୍ନ ରାଜ୍ୟ ପୁଲିସ୍ ସହିତ ମିଳିତ ଟାସ୍କଫୋର୍ସ ମଧ୍ୟ ଗଠନ କରିଛି । ସେ କହିଛନ୍ତି ଯେ ଆଜି ବୁଢ଼ା ପାହାଡ, ଚକରବନ୍ଧ ଏବଂ ପାର୍ଶ୍ୱନାଥ ଟ୍ରାଇ ଜଙ୍କସନକୁ ବାମପନ୍ଥୀ ଉଗ୍ରବାଦରୁ ମୁକ୍ତ କରାଯାଇ ଦେଶର ମୁଖ୍ୟ ସ୍ରୋତକୁ ଅଣାଯାଇଛି ଏବଂ ଆଜି ସେଠାରେ ସମସ୍ତ ବିକାଶମୂଳକ କାର୍ଯ୍ୟ ଚାଲିଛି । ଶ୍ରୀ ଶାହ କହିଛନ୍ତି ଯେ ବିହାର ଏବଂ ଝାଡଖଣ୍ଡରେ ସୁରକ୍ଷା ଶୂନ୍ୟସ୍ଥାନ ଶେଷ ହେବାକୁ ଯାଉଛି ଏବଂ ଏହା କେବଳ ସାହସୀ ସିଆର୍‌ପିଏଫ୍ ଯବାନ ଏବଂ ପୁଲିସ ବାହିନୀର ମିଳିତ ଶକ୍ତି ହେତୁ ସମ୍ଭବ ହୋଇ ପାରିଛି । ସେ କହିଛନ୍ତି ଯେ ବାମପନ୍ଥୀ ଉଗ୍ରବାଦୀଙ୍କ ଆର୍ଥିକ ଉତ୍ସକୁ ରୋକିବା ପାଇଁ ସରକାର ଏନଆଇଏ ଏବଂ ଇଡି ଦ୍ୱାରା ମାମଲା ପଞ୍ଜିକରଣ କରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ଶ୍ରୀ ଅମିତ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ବର୍ତ୍ତମାନ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ଶେଷ ବ୍ୟକ୍ତିଙ୍କ ନିକଟରେ ପହଞ୍ଚି ପାରୁଛି । ସେ କହିଛନ୍ତି ଯେ ବିକାଶ ପାଇଁ ମଞ୍ଜୁର ହୋଇଥିବା ୭୦,୦୦୦ କିଲୋମିଟର ରାସ୍ତା ମଧ୍ୟରୁ ୧୧,୦୦୦ କିଲୋମିଟର ରାସ୍ତା କାର୍ଯ୍ୟ ସମାପ୍ତ ହୋଇସାରିଛି , ୨୩୪୩ ଟି ମୋବାଇଲ୍ ଟାୱାର ସ୍ଥାପନ କରାଯାଇଛି, ପ୍ରାଥମିକ କ୍ଷେତ୍ରରେ ଏକଲବ୍ୟ ସ୍କୁଲ ଖୋଲା ଯାଉଛି, ମାତ୍ର ୫ ବର୍ଷ ମଧ୍ୟରେ ୧୨୫୮ ଟି ବ୍ୟାଙ୍କ ଶାଖା ଖୋଲାଯାଇଛି, ୧୩୪୮ଟି ଏଟିଏମ୍ ଖୋଲା ଯାଇଛି, ଦକ୍ଷତା ବିକାଶ ଯୋଜନା ଅଧୀନରେ ୪୭ ଟି ଆଇଟିଆଇ ଏବଂ ୬୮ ଟି ଦକ୍ଷତା ବିକାଶ କେନ୍ଦ୍ର ଖୋଲିବାର କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ସିଆର୍‌ପିଏଫ୍ ଏବଂ ସ୍ଥାନୀୟ ପୁଲିସର ନେତୃତ୍ୱରେ ସରକାରଙ୍କ ମିଳିତ ଉଦ୍ୟମ ଯୋଗୁଁ ଏହି କ୍ଷେତ୍ରରେ ବିକାଶର ଗତି ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି ।କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ସିଆର୍‌ପିଏଫ୍ ଯବାନଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ଛତିଶଗଡ ବସ୍ତରିଆ ବାଟାଲିୟନରେ ୪୦୦ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦିଆଯାଇଛି, ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ରାସ୍ତା ନିର୍ମାଣ କରାଯାଇଛି ଏବଂ ୩୧୮ ଟି ବଡ଼ ଏବଂ ଛୋଟ ସେତୁ ନିର୍ମାଣରେ ସିଆର୍‌ପିଏଫ୍ ମଧ୍ୟ ସହଯୋଗ କରିଛି । ସେ କହିଛନ୍ତି ଯେ ୨୫ ଲକ୍ଷରୁ ଅଧିକ ତିରଙ୍ଗା ଉତ୍ତୋଳନ କରି ହର ଘର ତିରଙ୍ଗା ଅଭିଯାନକୁ ସଫଳତା ଦେବାରେ ସିଆର୍‌ପିଏଫ୍ ମଧ୍ୟ ସହଯୋଗ କରିଛି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସିଆର୍‌ପିଏଫ୍‌ର ଆଧୁନିକୀକରଣ ଉପରେ ଅନେକ ଧ୍ୟାନ ଦିଆଯାଇଛି । ସେ କହିଛନ୍ତି ଯେ କେବଳ ୨୦୨୨ - ୨୩ ମସିହାରେ ୧୪ ଟି ପ୍ରକଳ୍ପ ଶେଷ ହୋଇଛି । ଜଗଦଲପୁର ଠାରେ ଟ୍ରମା କେନ୍ଦ୍ର ଏବଂ ବାଟାଲିୟନରେ ମୌଳିକ ସୁବିଧା ଯୋଗାଇବା ପାଇଁ ସିଆର୍‌ପିଏଫ୍ ନିମନ୍ତେ ୪୩୦୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଗୃହ ସନ୍ତୁଷ୍ଟି ଅନୁପାତ ବୃଦ୍ଧି କରିବାକୁ ପ୍ରାୟ ୧୧,୦୦୦ ଘର ନିର୍ମାଣ କରାଯାଇଛି ଏବଂ ସିଆର୍‌ପିଏଫ୍ ପାଇଁ ୨୮,୫୦୦ ଅଧିକ ଘର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ପ୍ରଧାନମନ୍ତ୍ରୀଙ୍କ ଛାତ୍ରବୃତ୍ତି ଯୋଜନା ଅଧୀନରେ ପ୍ରତି ମାସରେ ଝିଅ ମାନଙ୍କୁ ୩୦୦୦ ଟଙ୍କା ଏବଂ ପୁଅ ମାନଙ୍କୁ ୨୫୦୦ ଟଙ୍କା ମଧ୍ୟ ପ୍ରଦାନ କରାଯାଉଛି । ଶ୍ରୀ ଅମିତ ଶାହା ସିଆର୍‌ପିଏଫ୍ ଯବାନ ମାନଙ୍କୁ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ସେମାନଙ୍କୁ ପ୍ରତ୍ୟେକ ସୁବିଧା ଯୋଗାଇବା ପାଇଁ ଏବଂ ସେମାନଙ୍କ ସମସ୍ୟାର ସମାଧାନ କରିବା ନିମନ୍ତେ ସେମାନଙ୍କ ସହିତ ଠିଆ ହୋଇଛନ୍ତି । ସେ ବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ ସିଆର୍ପିଏଫ୍‌ର ୮୪ ବର୍ଷର ଗୌରବମୟ ଇତିହାସକୁ ଆହୁରି ଦୃଢ଼ କରୁଥିବାବେଳେ ବାମପନ୍ଥୀ ଉଗ୍ରବାଦକୁ ସମ୍ପୂର୍ଣ୍ଣରୂପେ ବିଲୋପ ନହେବା ପର୍ଯ୍ୟନ୍ତ ଏହି ଶକ୍ତି ଉତ୍ସର୍ଗୀକୃତ ହୋଇ ମାଆ ଭାରତୀଙ୍କ ସେବା ଜାରି ରଖିବ ।

## ଧର୍ମଶାଳା ମଣ୍ଡଳ ସ୍ତରୀୟ ସମବାୟ ବ୍ୟାଙ୍କିଂସେବା ଓ ଋଣ କର୍ମଶାଳା

ଧର୍ମଶାଳା,(ପ.ଏନ): ଯାଜପୁର ଜିଲା ଧର୍ମଶାଳ ବ୍ଲକ ଜାରକା ଷ୍ଟାଡିଅମ ପରିସରରେ ସମବାୟ ସେବା ସମିତି ପକ୍ଷରୁ ଏକ ମଣ୍ଡଳସ୍ତରୀୟ ବ୍ୟାଙ୍କିଂସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ । ଦେଓଦା କୃଷି ସମବାୟ ସମିତିର ସଭାପତି ବିକାଶ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅତିଥିଭାବେ ଜଏଂଟ ରେଜିଷ୍ଟ୍ରାର ରୁଦ୍ରପ୍ରସାଦ ଦାସ, ଏଆରସିଏସ ଶରତ ଚନ୍ଦ୍ର ମଲିକ, କ୍ଷେତ୍ରଅଧିକାରୀ ଭାଗବତ ମରାଣ୍ଡି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଦୁଃଶାସନ ସାହୁ, ଶରତ ଚନ୍ଦ୍ର ସାହୁ, ବିଜୟ କୁମାର ଦଳାଇ, ଜିଲ୍ଲାପରିଷଦ ଜଳଧରମାହାନ୍ତି, ବ୍ଲକ କୃଷି ଅଧିକାରୀ ତୁସାରକାନ୍ତ ସେଠୀ ଯୋଗଦେଇ ସାଧାରଣ ଚାଷୀଟିଏ ସମବାୟ ଅନ୍ଦୋଳନରେ ସାମିଲ କରାଯିବା ଏହି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଧର୍ମଶାଳାରେ ନୂତନ ଭାବେ ୧୧ ଗୋଟି ସମବାୟ ସମିତି ଗଠନ କରାଯିବାକୁ ସ୍ଥିର କରାଯାଇଛି ଏବଂ ସାଧାରଣ ଚାଷିମାନଙ୍କୁ ୧ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯିବ । ଏଥିସହିତ ଯେଉଁ ଚାଷୀମାନେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଋଣ ପରିଶୋଧ କରିବେ ସେମାନଙ୍କୁ ସୁଧ ଛାଡ କରାଯିବ ବୋଲି ସେବା ସମବାୟ ସମିତି ପକ୍ଷରୁ ଚାଷୀମାନଙ୍କୁ ସଚେତନ କରିବା ପାଇଁ ବିଧାୟକ ଶ୍ରୀ ବଳବନ୍ତରାୟ ପରାମର୍ଶ ଦେଇଥିଲେ ।

# ନିରବିଗଲେ ବଂଶୀବାଦକ କୃଷ୍ଣଚନ୍ଦ୍ର, ଅଧୁରା ରହିଲା କଳାକାର ଭତା ସ୍ୱପ୍ନ

ଭଦ୍ରକ, (ପି.ଏନ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଂଚାୟତ କୋଟସିରା ଗ୍ରାମର ବଂଶୀବାଦକ କୃଷ୍ଣଚନ୍ଦ୍ର ଜେନା(ଗୁଣ୍ଡିଆ)ଙ୍କ ଶନିବାର ଭୋର ୫ଟା ରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ଗତକାଲି ରାତ୍ରରେ ସ୍ୱାଭାବିକ ଭାବେ ଖାଦ୍ୟଗ୍ରହଣ କରି ଶଯ୍ୟା ଗ୍ରହଣ କରିଥିଲେ। ମାତ୍ର ପ୍ରତ୍ୟୁଷରେ ଛାତି ଯନ୍ତ୍ରଣାରେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୨ ପୁଅ, ବୋହୂ, ନାତିନାତୁଣୀ ଓ ୨ ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ମରଶରୀରକୁ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ମୁଖାଗ୍ନି ଦେଇଥିଲେ। ଜଣେ ଗ୍ରାମ୍ୟ କଳାକାର ଭାବେ କୃଷ୍ଣଚନ୍ଦ୍ରଙ୍କର ଯଥେଷ୍ଟ ସୁନାମ ରହିଥିଲା। ବଂଶୀବାଦନରେ ସେ ବେଶ ପାରଙ୍ଗମ ଥିଲେ। ଆଖପାଖ ଅଂଚଳର ପ୍ରତ୍ୟେ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଭାବେ ସଙ୍ଗୀନ ଗାନ ଓ ବଂଶୀବାଦନ କରି ଆତ୍ମତୃପ୍ତି ଅନୁଭବ କରୁଥିଲେ। ମାତ୍ର ଗରିବ କଷାଘାତ ଯୋଗୁଁ ରୋଗାକ୍ରାନ୍ତ ହୋଇ ସେ ଉପଯୁକ୍ତ ଯତ୍ନ ଓ ଚିକିତ୍ସା ଅଭାବରେ ପଡିଥିଲେ। ତମାମ ଜୀବନ ଅତି ଦୟନୀୟ ଭାବେ ଅତିବାହିତ କରିଥିଲେ। ଭରପୁର ଗୁଣ ଥାଇ ବି ସରକାରଙ୍କ କଳାକାର ଭତା ଯୋଜନାରୁ ବାରମ୍ବାର ବାଦ ପଡିଥିଲେ। ବହୁ ଅଯୋଗ୍ୟ ମିଥ୍ୟା ପ୍ରମାଣପତ୍ର ଓ ରାଜନୈତିକ ସୁପାରିଶରେ କଳାକାର ଭତା ପାଇଥିବାବେଳେ ଉପଯୁକ୍ତ ଯୋଗ୍ୟତା ଥାଇ ମଧ୍ୟ କୃଷ୍ଣଚନ୍ଦ୍ର ଏହି ସୁଯୋଗରୁ ବଂଚିତ ହେବା ସ୍ଥାନୀୟ ଅଂଚଳବାସୀଙ୍କୁ ବ୍ୟଥିତ କରିଥିଲା। କୃଷ୍ଣଚନ୍ଦ୍ରଙ୍କ ଅକାଳ ବିୟୋଗ ଗ୍ରାମ ଓ ଆଖପାଖ ଅଂଚଳରେ ଶୋକର ଛାୟା ସୃଷ୍ଟି କରିଛି।

## ଓଡ଼ିଶା ଅମଲା ସଂଘ, ଭଦ୍ରକ ଶାଖାର ୨୫ତମ ତ୍ରୟବାର୍ଷିକ ସମ୍ମିଳନୀ

ଭଦ୍ରକ,(ପି.ଏନ): ଅମଲାଗଣ ପ୍ରଶାସନର ମେରୁଦଣ୍ଡ। ପ୍ରଶାସନିକ ସଫଳତା ଅମଲାମାନଙ୍କ ଉପରେ ନିର୍ଭରଶୀଳ। ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ଏହି ଅମଲାମାନଙ୍କ ନିଷ୍ଠା ଓ କର୍ତବ୍ୟ ପରାୟଣତାରୁ ମିଳିଥାଏ। ପ୍ରଶାସନର ସୁନାମ ହେବା ସଂଗେ ସଂଗେ ଜିଲା ବିକାଶରେ ଅଗ୍ରଗତି ହୋଇଥାଏ ବୋଲି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଅମଲା ସଂଘ, ଭଦ୍ରକ ଶାଖାର ୨୫ତମ ତ୍ରୟବାର୍ଷିକ ସମ୍ମିଳନୀରେ ମତପ୍ରକାଶ କରିଛନ୍ତି। ଭଦ୍ରକ ସହୀଦ ସ୍ମୃତି ଭବନ ଠାରେ ଓଡ଼ିଶା ଅମଲା ସଂଘ, ଭଦ୍ରକ ଶାଖା ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଉପଜିଲାପାଳ ମନୋଜ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ପ୍ରଶାସନିକ ଅଧିକାରୀ ଓ ଅମଲା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ଦୁଇ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିଲେ ସାଧାରଣ ଲୋକ ନ୍ୟାୟ ପାଇବା ସହ ବିଭିନ୍ନ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଂଚିପାରିବ। ଏଣୁ ପ୍ରଶାସନିକ ବ୍ୟବସ୍ଥାରେ ମୁଖ୍ୟ ଭୂମିକା ନିଭାଉଥିବା ଅମଲାମାନେ ନିଜ କର୍ତବ୍ୟରେ ଦାୟିତ୍ୱ ସଂପନ୍ନ ଓ ନିଷ୍ଠାବାନ ହେବାକୁ ଉପଜିଲାପାଳ ଶ୍ରୀ ପାତ୍ର ଆହ୍ୱାନ ଦେଇଥିଲେ। ଓଡ଼ିଶା ଅମଲା ସଂଘ ରାଜ୍ୟ ଶାଖା ପକ୍ଷରୁ ଜ୍ଞାନରଂଜନ ଦାସ (ସାଙ୍ଗଠନିକ ସଂପାଦକ) ଯୋଗଦେଇ ସଂଗଠନକୁ ମଜବୁତ୍ କରିବା ସହ ଦାବି ହାସଲ ନିମନ୍ତେ ଏକତ୍ରୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ଅମଲା ସଂଘ ଭଦ୍ରକ ଶାଖାର ସଭାପତି ବସନ୍ତ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମିଡିଆ ସଂପାଦକ ଗୁରୁଗୋବିନ୍ଦ ଦାସ ଯୋଗ ଦେଇଥିଲେ। ଅପରପକ୍ଷରେ ପ୍ରାକ୍ତନ ରାଜ୍ୟ ସଭାପତି ଅଜିତ କୁମାର ନାୟକ, ଜିଲା ସଂପାଦକ ନରେନ୍ଦ୍ର କୁମାର ଘୋଷ, ପ୍ରାକ୍ତନ ଜିଲା ସଭାପତି ଅଚ୍ୟୁତାନନ୍ଦ ପାତ୍ର, ପ୍ରାକ୍ତନ ଜିଲା ସଭାପତି ବିରକିଶୋର ଦାସ, ପ୍ରାକ୍ତନ କୋଷାଧକ୍ଷ ରବିନ୍ଦ୍ର କୁମାର ନାୟକଙ୍କୁ ମାନପତ୍ର ସହ ଉତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏବଂ ନୂଆକରି ଗଠନ କରାଯାଇଥିବା ଅମଲା ସଂଘ, ଭଦ୍ରକ ଶାଖାର ନବ ନିର୍ବାଚିତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ

କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତର ନଈବୁଗା ପଂଚାୟତ ରାସ୍ତାକୁ କେତେକ ମୁଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପଞ୍ଚ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି। ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା। ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ। ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ। ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ। କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୁଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି। ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋପଡିଛି। ଏହି ରାସ୍ତା ଉପରେ ଚୁଡିସାହି, ମୁଣ୍ଡାସାହି, ସାକ୍ରାଡିହି,ନଈବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା। ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପଞ୍ଚ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅଞ୍ଚଳ ଅଶାନ୍ତ ହୋଇପଡିଛି। ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ। ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା। ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି। ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି। ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି। ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ। ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି। ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଛନ୍ତି। ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି। ଏଥିସହ ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି।

2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Tuesday March 28, 2023 ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୨୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଗଣତନ୍ତ୍ରର ସୁରକ୍ଷା ଓ ଦେଶ ବଂଚାଓ ଦାବୀରେ ବିଭିନ୍ନ ରାଜନୈତିକ ଦଳର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ




ଭୁବନେଶ୍ୱର ,(ପି.ଏନ): ନରେନ୍ଦ୍ର ମୋଦି ନେତୃତ୍ୱାଧିନ ବିଜେପି ସରକାର କେନ୍ଦ୍ରରେ କ୍ଷମତାକୁ ଆସିବା ପରଠାରୁ ଲଗାତର ଭାବରେ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନ ଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଛି । ବିଜେପି ସରକାର ଏବଂ ଏହାର ନେତୃବୃନ୍ଦ କ୍ରମାଗତ ଭାବରେ ସମ୍ବିଧାନକୁ ଆକ୍ରମଣ କରିଚାଲିଛନ୍ତି । ବ୍ୟକ୍ତି ସ୍ୱାଧୀନତା ଏବଂ ସମ୍ବିଧାନ ପ୍ରଦତ ମୌଳିକ ଅଧିକାରକୁ ବଳପୂର୍ବକ ଭାବେ କ୍ଷୁର୍ଣ୍ଣ କରି ଦିଆଯାଉଛି । ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପ୍ରତିମୂହୁର୍ତରେ କ୍ଷମତା ଅହଂକାରରେ ଦଳି ଚକଟି ଦିଆଯାଉଛି । ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୌତମ ଆଦାନୀଙ୍କ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଦେଇଥିବା ବକ୍ତବ୍ୟକୁ ସଂସଦ ରେକର୍ଡରୁ କାଟି ଦିଆଯାଇଛି ଏବଂ ତାଙ୍କ ସ୍ୱରକୁ ଚାପି ଦେବାପାଇଁ ଲୋକ ସଭା ସଭ୍ୟପଦରୁ ରଦ୍ଦ କରାଯାଇଛି । ଯାହାକି ସଂସଦୀୟ ଗଣତନ୍ତ୍ର ପ୍ରତି ଘୋର ବିପଦ । ଗଣତନ୍ତ୍ରର ସୁରକ୍ଷା ଓ ଦେଶ ବଂଚାଅ ଦାବିରେ ଆଜି କଂଗ୍ରେସ ସମେତ ରାଜ୍ୟର ବହୁ ରାଜନୈତିକ ଦଳର ପ୍ରତିନିଧିଙ୍କ ପକ୍ଷରୁ ଭାରତର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜଭବନ ଠାରେ ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ବିଭିନ୍ନ ଦଳର ଶହଶହ ନେତୃବୃନ୍ଦ ଓ କର୍ମୀ ସର୍କିଟ ହାଉସ ଠାରୁ ଏକ ପଦଯାତ୍ରାରେ ଗଣତନ୍ତ୍ର ବଂଚାଅ, ଦେଶ ବଂଚାଅ ଏବଂ ରାହୁଲ ଗାନ୍ଧୀ ଜିନ୍ଦାବାଦ ନାରା ଦେଇ ରାଜଭବନ ପର୍ଯ୍ୟନ୍ତ ଯାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ନେତୃବର୍ଗଙ୍କ ସମେତ ସିପିଆଇ, ସିପିଆଇ (ଏମ), ଅଲଇଣ୍ଡିଆ ଫରୱାର୍ଡ ବ୍ଲକ, ସିପିଆଇ ଏମଏଲ (ଲିବରେସନ), ସିପିଆଇଏମଏଲ (ରେର୍ଡଷ୍ଟାର), ଏନସିପି, ସମାଜବାଦିପାର୍ଟି, ଆରଜେଡି, ଆମଆଦିମପାର୍ଟି, ସମୃଦ୍ଧ ଓଡ଼ିଶା, ଆରପିଆଇର ଶିର୍ଷ ନେତୃବୃନ୍ଦ ଓ କର୍ମକର୍ତା ସର୍ବଶ୍ରୀ ଅଭୟ ସାହୁ, ଆଶିଶ କାନୁନଗୋ, ଅଳିକିଶୋର ପଟ୍ଟନାୟକ, ସୁରେଶ ପାଣିଗ୍ରାହୀ, ସୁର ଜେନା, ଜ୍ୟୋତି ରନ ମହାପାତ୍ର, ଯୁଧିଷ୍ଠୀର ମହାପାତ୍ର, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରମିଳା, ରବି ବେହେରା, ସୁଦର୍ଶନ ପ୍ରଧାନ, ହେମନ୍ତ କୁମାର, ରଙ୍ଗା ଚରଣ ପ୍ରଧାନ, ଯତୀଶ ମହାନ୍ତି, ସେକ୍ ଅବଦୁଲ ୱାଲି, ବଂଶୀଧର ପରିଡ଼ା, ବିଷ୍ଣୁ ମହାନ୍ତି, କଂଗ୍ରେସ ନେତା ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ସମେତ ନିରସିଂହ ମିଶ୍ର, ନିରନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଂଟିଆ, ତାରାପ୍ରସାଦ ବାହିନୀପତି, ବିଜୟ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ଅଧିରାଜ ମୋହନ ପାଣିଗ୍ରାହୀ, ଶିବାନନ୍ଦ ରାୟ, ଜଗନ୍ନାଥ ପଟ୍ଟନାୟକ, ଗଣେଶ୍ୱର ବେହେରା, ଯୁଧିଷ୍ଠୀର ଜେନା, ଅମର ନାଥ ପ୍ରଧାନ, ଶୁଭେନ୍ଦୁ ମହାନ୍ତି, ବନ୍ଦିତା ପରିଡ଼ା, ଅମୀୟ କୁମାର ପଟ୍ଟନାୟକ, ରବିନ୍ଦ୍ର କୁମାର ମଲ୍ଲିକ, ଡ. ଲଲାଟେନ୍ଦୁ ମହାପାତ୍ର, ହଳଧର କାର୍ଜି, ମନୋରନ ଦାଶ, ବିଶ୍ୱଜିତ୍ ଦାଶ, ପ୍ରକାଶ ଜେନା, ଲିଙ୍ଗରାଜ ସାହୁ, ସସ୍ମିତା ବେହେରା, ବାଙ୍କନିଧି ବେହେରା, ବିସ୍ମୟ ମହାପାତ୍ର, ରଜନୀ ମହାନ୍ତି, ସୁଶାନ୍ତ ତ୍ରିପାଠୀ, ନରୋତମ ନାୟକ, ଜ୍ଞାନ ପଟ୍ଟନାୟକ, ମିହିର ଆଚାର୍ଯ୍ୟ, ଦୀପକ ମହାପାତ୍ର, ସଂକୁନା କହଁର, ସନ୍ଧ୍ୟା ମହାପାତ୍ର, କନକ ମଲ୍ଲିକ, ଜାନକୀ ମଲ୍ଲିକ, ଚୌଧୁରୀ ସ୍ନେହଲତା ରାୟ, ତ୍ରିଲୋଚନ ମହାନ୍ତି, କୁସୁମ ପ୍ରଧାନ, ଗୀତାଳି ମହାନ୍ତି, ରାଜୀବ ପଟ୍ଟନାୟକ, ଜିତୁ ପଣ୍ଡା, ତରୁଣ ମିଶ୍ର, ଅଶୋକ ଦାସ, ସୁବ୍ରତ ମହାପାତ୍ର, ସ୍ୱାଗତିକା ପଟ୍ଟନାୟକ, ମଧୁମିତା ଆଚାର୍ଯ୍ୟ, ଖଗେଶ୍ୱର ମଲ୍ଲିକ, ରାଜକିଶୋର ବାରିକ, ଜୟକୃଷ୍ଣ ସୁବୁଦ୍ଧି, ମନୋରନ ରାଉତରାୟ, ଜୟଶ୍ରୀ ପାତ୍ର, ପ୍ରଭାତ ପ୍ରତାପ ସିଂ, ରସିକ ପଟ୍ଟନାୟକ, ଜମ୍ମେଶ୍ୱର ମଲ୍ଲିକ, ଏମଡି ସାହାଦୁଲ୍ଲା, ପ୍ରଶନ୍ନ ପାଇକରାୟ, କୁଳମଣି ସାହୁ, ସନ୍ଧ୍ୟାରାଣୀ ସାହୁ, ବସନ୍ତ ପଣ୍ଡା, ପ୍ରକାଶ ନନ୍ଦ, ଛବି ମହାନ୍ତି ପ୍ରମୁଖ ବହୁ ନେତୃବୃନ୍ଦ ଯୋଗଦେଇଥିଲେ ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଷୋଡ଼ଶ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର,(ପି.ଏନ): ଜ୍ଞାନ ଦ୍ୱାରା ସମାଜରେ ଅନ୍ଧକାର ଦୂର ହୋଇପାରିବ । ଏଥି ପାଇଁ ସମସ୍ତେ ଜ୍ଞାନ ଆହରଣ କରିବା ସହ ନୈତିକତା ଶିକ୍ଷା ଗ୍ରହଣ କରିବା ଉଚିତ୍ । ଭବିଷ୍ୟତ ଲକ୍ଷ୍ୟ ପାଇଁ ମୋବାଇଲ୍ ରୁ କୁ କଥା ନଶିଖି ଭଲ କଥା ଶିକ୍ଷା କରିବା ଉଚିତ ବୋଲି ପୁରୁଣା ଭୁବନେଶ୍ୱର ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୪ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତ ପୋଷଣ କରିଥିଲେ । ସ୍ଥାନୀୟ ଉକଳା ମଣ୍ଡପରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ଡ଼ ଉପେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଇଂଜିନିୟର ରୋହିତ ସେଠୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବ ପ୍ରସାଦ ସ୍ୱାଇଁ, ସମ୍ମାନୀୟ ଅତିଥିଭାବେ ଅପସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ସେନାପତି, ଲିଙ୍ଗରାଜ ସାହୁ, ଅରକ୍ଷିତ ସାହୁ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଶିକ୍ଷା ସର୍ବଶ୍ରେଷ୍ଠ ପ୍ରସାଦ ବୋଲି ମତ ପୋଷଣ କରିଥିଲେ ।

## ମାଲକାନଗିରିରୁ ୯୦ ଜଣ ବରିଷ୍ଠ ନାଗରିକଙ୍କ ତୀର୍ଥ ଭ୍ରମଣ




ମାଲକାନଗିରି ଓତା , (ପି.ଏନ): ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଆଜି ମାଲକାନଗିରି ଜିଲ୍ଲାରୁ ୯୦ ଜଣ ଦକ୍ଷିଣ ଭାରତର ତିରୁପତି, ଭେଲ୍ଲୁର ଓ ଶ୍ରୀକଳାହସ୍ତୀ ତୀର୍ଥ ସ୍ଥାନ ପରିଭ୍ରମଣରେ ବାହାରିଛନ୍ତି । ଏ ନେଇ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ବିଶାଲ ସିଂ ସମସ୍ତ ତୀର୍ଥ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଥିବା ବେଳେ ଆରକ୍ଷୀ ଅଧିକ୍ଷକ ନୀତେଶ ୱାଧ୍ୱାନି ମଧ୍ୟ ଉପସ୍ଥିତ ଥିଲେ । ଆଜି ସମସ୍ତ ତୀର୍ଥ ଯାତ୍ରୀ ରାୟଗଡ଼ା ଅଭିମୁଖେ ଯାତ୍ରା କରୁଛନ୍ତି । ମାର୍ଚ୍ଚ ୨୮ ମଙ୍ଗଳବାର ଦିନ ସମସ୍ତ ଯାତ୍ରୀ ତୀର୍ଥ ସ୍ଥାନ ଅଭିମୁଖେ ଯାତ୍ରା କରିବେ ଏବଂ ଏପ୍ରିଲ ୨ ତାରିଖରେ ରାୟଗଡା ପ୍ରତ୍ୟାବର୍ତ୍ତନ କରିବେ । ମାଲକାନଗିରିରୁ ରାୟଗଡ଼ା ଅଭିମୁଖେ ଯାଉଥିବା ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ବସ୍ କୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜିଲ୍ଲାରୁ ୩ ଜଣ ଏସ୍କର୍ଟ ଅଧିକାରୀ ବରିଷ୍ଠ ନାଗରିକଙ୍କ ସହ ଯାତ୍ରା କରୁଛନ୍ତି । ଆଜି ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା ।ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଆଇଆରସିଟିସି ପକ୍ଷରୁ ତୀର୍ଥ ଯାତ୍ରୀମାନଙ୍କ ପାଇଁ ପରିବହନ ଓ ପ୍ରତ୍ୟାବର୍ତ୍ତନର ସମସ୍ତ ସୁବିଧା ସହ ଯାତ୍ରା ସମୟରେ ରହିବା, ଖାଦ୍ୟ ପେୟ ଆଦିର ବ୍ୟବସ୍ଥା କରାଯାଇଛି ଓ ଏଥି ସହ ଟ୍ରେନ ରେ ଜଗୁଆଳି, ଗାଇଡ଼, ଚିକିତ୍ସା ସୁବିଧା ମଧ୍ୟ ଦିଆଯିବ ଓ ବରିଷ୍ଠ ନାଗରିକମାନେ ତୀର୍ଥ ଦର୍ଶନର ସୁଯୋଗ ପାଇଥିବାରୁ ବରିଷ୍ଠ ସେମାନେ ଖୁସି ବ୍ୟକ୍ତ କରିଛନ୍ତି ଓ ସୂଚନା ଥାଉକି, ୨୦୧୬ ମସିହାରୁ ରାଜ୍ୟ ସରକାର ୬୦ ରୁ ୭୫ ବର୍ଷ ବୟସର ଗରିବ ନାଗରିକଙ୍କ ପାଇଁ ଏହି ତୀର୍ଥଯାତ୍ରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି ।

## ପ୍ରଦୂଷଣ ବଢ଼ାଇବାରେ ଲାଗିଛି ଶ୍ମଶାନ ଧୂଆଁ

ଭୁବନେଶ୍ୱର,(ପି.ଏନ): କୋମାରେ ବୈଦ୍ୟୁତିକ ଶବଦାହ ଚୁଲା । ଆଜକୁ ପାଖାପାଖି ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଶବଦାହ ଚୁଲାଟି ଅଚଳ ହୋଇ ପଡ଼ିରହିଛି । ଏହା କୌଣସି ଉପାନ୍ତ ଅଞ୍ଚଳର କଥା ନୁହେଁ, ଖୋଦ୍ ରାଜ୍ୟ ରାଜଧାନୀ ଭୁବନେଶ୍ୱରର ଛାତି ଉପରରେ ଥିବା ସହରର ପୁରାତନ ସତ୍ୟନଗର ଶ୍ମଶାନର କଥା । ଏଥିପ୍ରତି ଭୁବନେଶ୍ୱର ମହାନଗର ନିଗମର ବିଭାଗୀୟ କର୍ତ୍ତୃପକ୍ଷଙ୍କର ସାମାନ୍ୟ ଦରଦ ନାହିଁ । ଯାହା ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ, ଗୋଟିଏ ପଟେ ସହରର ସୌନ୍ଦର୍ଯ୍ୟ ଓ ଆଧୁନୀକରଣ ନାଁରେ ମହାନଗର ନିଗମ କୋଟି କୋଟି ଅର୍ଥ ଖର୍ଚ୍ଚ କରୁଥିବା ବେଳେ ଅନ୍ୟପଟେ ଶ୍ମଶାନ ଧୂଆଁରେ ସହରର ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ଆଖପାଖ ଅଞ୍ଚଳ ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ଯଦ୍ୱାରା ଅଙ୍ଗାରକାମ୍ଳ ଗ୍ୟାସ୍‌ର ମାତ୍ରା ବୃଦ୍ଧି ପାଇବା ସହ ସହରକୁ ତତଲା ସହରର ମାନ୍ୟତା ମିଳୁଛି ।

## ମୋଦି ସରକାରଙ୍କର ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ବାରମ୍ବାର ଆକ୍ରମଣକୁ ଓଡ଼ିଶାର ଶେଷପ୍ରାନ୍ତ ପର୍ଯ୍ୟନ୍ତ ନିଆଯିବ ସର୍ବଦଳୀୟ ବୈଠକରେ ନିଷ୍ପତି

ଭୁବନେଶ୍ୱର,(ପି.ଏନ) ନରେନ୍ଦ୍ର ମୋଦି ନେତୃତ୍ୱାଧିନ ବିଜେପି ସରକାର କେନ୍ଦ୍ରରେ କ୍ଷମତାକୁ ଆସିବା ପରଠାରୁ ଲଗାତର ଭାବରେ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନ ଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଛି । ବିରୋଧି ଦଳ ନେତାମାନଙ୍କର ସ୍ୱରକୁ ଚାପିଦେବା ପାଇଁ ବିଜେପି ସରକାର ନିରନ୍ତର ଉଦ୍ୟମ ଜାରିରଖିଛି । ଗଣତନ୍ତ୍ରର ସୁରକ୍ଷା ଓ ଦେଶ ବଂଚାଇବା ନିମନ୍ତେ ଆଜି କଂଗ୍ରେସ ଦଳ ସମେତ ରାଜ୍ୟର ୧୧ଟି ରାଜନୈତିକ ଦଳ ପକ୍ଷରୁ ଏକ ସର୍ବଦଳୀୟ ବୈଠକ ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥି ଭବନ ଠାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ବିଜେପି ଶାସନ କାଳରେ ଦେଶ ଓ ଦେଶର ଆଜି ଘୋର ସଂକଟାପନ୍ନ ସ୍ଥିତିରେ ଅଛନ୍ତି । ଗଣତନ୍ତ୍ର ଓ ଭାରତବର୍ଷର ସମ୍ବିଧାନକୁ ସମୁମୂଲ୍ୟ ଦେଇ ରକ୍ଷା କରାଯିବ ବୋଲି ସର୍ବଦଳୀୟ ବୈଠକରେ ନେତୃବୃନ୍ଦମାନେ ଦୃଢ଼ ନିଷ୍ପତି ନେଇଥିଲେ । ବିଜେପି ଏବଂ ଆଦାନୀ ମଧ୍ୟରେ ସଂପର୍କ କଣ ଓ ଆଦାନୀ ସଂପତି ୨୦ ହଜାର କୋଟି କେଉଁଠୁ ଆସିଲା ବୋଲି ଉତ୍‌ଥାପନ କରିବାକୁ ଚାହିଁଥିଲେ କିନ୍ତୁ ତାଙ୍କୁ ଉତ୍ ଥାପନ କରିବାର ସୁଯୋଗ ଦିଆନିଯବା ସହିତ ସଭ୍ୟ ରଦ୍ଦ କରିଦିଆଗଲା । ଏହି ଘଟଣାକୁ ବିରୋଧି ଦଳର ନେତୃବୃନ୍ଦମାନେ ଘୋର ନିନ୍ଦା କରିବା ସହ ଆଗାମୀ ଦିନରେ ମୋଦି ଏବଂ ଆଦାନୀଙ୍କ ଅସଲ ଚେହେରା ଖୋଲିଦେବା ସଂଗେ ସଂଗେ ଭାରତର ସୁରକ୍ଷା ଏବଂ ସମ୍ବିଧାନକୁ ବଂଚାଇବା ପାଇଁ କରିବାପାଇଁ ସମସ୍ତ ରାଜନୈତିକ ଦଳ ଗୋଟିଏ ମଂଚରେ ରାଜ୍ୟର ୫ଟି ମୁଖ୍ୟ ସ୍ଥାନମାନଙ୍କରେ ପ୍ରଥମ ପର୍ଯ୍ୟାୟରେ ସଭା ଓ ଜନଆନ୍ଦୋଳନ କରିବାର ନିଷ୍ପତି ନିଆଯାଇଛି । ପରବର୍ତୀ ପର୍ଯ୍ୟାୟରେ ଏ ଆନ୍ଦୋଳନକୁ ପ୍ରତ୍ୟେକ ପଂଚାୟତ ସ୍ତରକୁ ନିଆଯିବା ପାଇଁ ନିଷ୍ପତି ନିଆଯାଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ଏପ୍ରିଲ ମାସ ୧୪ ତାରିଖ ଆମ୍ବେଦକର ଜୟନ୍ତୀରୁ ଆରମ୍ଭ ହେବ । ଏଥିପାଇଁ ସର୍ବଦଳୀୟ ନେତୃବର୍ଗ ବିଭିନ୍ନ ପର୍ଯ୍ୟାୟରେ ବୈଠକ କରି ପରବର୍ତୀ କାର୍ଯ୍ୟସୂଚୀ ପାଇଁ ନୀତି ଓ ନିଷ୍ପତି ନେବେ । ଆଜିର ଏହି ବୈଠକରେ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ସମେତ ସିପିଆଇ, ସିପିଆଇ (ଏମ), ଅଲଇଣ୍ଡିଆ ଫରୱାର୍ଡ ବ୍ଲକ, ସିପିଆଇ ଏମଏଲ (ଲିବରେସନ), ସିପିଆଇଏମଏଲ (ରେର୍ଡଷ୍ଟାର), ଏନସିପି, ସମାଜବାଦିପାର୍ଟି, ଆରଜେଡି, ଆମଆଦିମପାର୍ଟି, ସମୃଦ୍ଧ ଓଡ଼ିଶା, ଆରପିଆଇର ଶିର୍ଷ ନେତୃବୃନ୍ଦ ଓ କର୍ମକର୍ତା ସର୍ବଶ୍ରୀ ଅଭୟ ସାହୁ, ଆଶିଶ କାନୁନଗୋ, ଅଳିକିଶୋର ପଟ୍ଟନାୟକ, ସୁରେଶ ପାଣିଗ୍ରାହୀ, ସୁର ଜେନା, ଜ୍ୟୋତି ରନ ମହାପାତ୍ର, ଯୁଧିଷ୍ଠୀର ମହାପାତ୍ର, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରମିଳା, ରବି ବେହେରା, ସୁଦର୍ଶନ ପ୍ରଧାନ, ହେମନ୍ତ କୁମାର, ରଙ୍ଗା ଚରଣ ପ୍ରଧାନ, ଯତୀଶ ମହାନ୍ତି, ସେକ୍ ଅବଦୁଲ ୱାଲି, କଂଗ୍ରେସ ଦଳର ସର୍ବଶ୍ରୀ ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଡ. ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ବୈଠକରେ ସୁଚିନ୍ତିତ ମତାମତ ଦେଇଥିଲେ ।

## ‘ସ୍ନେହ’ ଦ୍ୱାରା ରେଷ୍ଟୋରେଟିଭ୍ ଜଷ୍ଟିସ୍ ସଂପର୍କିତ ଆଲୋଚନାଚକ୍ର




ଭୁବନେଶ୍ୱର, (ପି.ଏନ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସାଇଟି ଫର୍ ନେଚର, ଏଜୁକେସନ୍ ଆଣ୍ଡ ହେଲ୍‌ଥ (ସ୍ନେହ) ଆନୁକୁଲ୍ୟରେ ରେଷ୍ଟୋରେଟିଭ୍ ଜଷ୍ଟିସ୍ ସଂପର୍କିତ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠାନର ଭୁବନେଶ୍ୱରରେ ଅବସ୍ଥିତ ତାଲିମ କେନ୍ଦ୍ରରେ ମାର୍ଚ ୨୬ ତାରିଖରେ ଉଦ୍‌ଘାଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ବୁଦ୍ଧିଜୀବି ଏବଂ ଆଡିସନାଲ ଆଇ. ଜି. (ପ୍ରିଜିନ୍‌ସ) ସୁରଥ ମଲ୍ଲିକ୍, ଡି.ସି.ପି. (କ୍ରାଇମ୍) କମିଶନରେଟ୍ ପୋଲିସ୍ ଭୁବନେଶ୍ୱର ସୁଦାମ ଚରଣ ସ୍ୱାଇଁ, ଓଡ଼ିଶା ଜେଲ ସୁପରିଟେଣ୍ଡେଟ ସତ୍ୟ ପ୍ରକାଶ ସ୍ୱାଇଁ ଦେଶର ନ୍ୟାୟିକ ବ୍ୟବସ୍ଥାରେ ଥିବା ତୃଟି ଏବଂ ସମାଜରେ ବଢୁଥିବା ଅପରାଧ ନିରାକରଣରେ ଦଣ୍ଡ ପ୍ରଦାନର ସୀମିତ ଭୂମିକା ଉପରେ ଆଲୋକପାତ କରିଥିଲେ । ଅପରାଧ ଏବଂ ଦଣ୍ଡ ବିଧାନ ସହିତ କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତିର କ୍ଷତିପୂରଣ ପାଇଁ ହୋଇଥିବା ସରକାରୀ ଅନୁଦାନ ବିଷୟରେ ଆଲୋଚନା କରିବା ସହିତ ରେଷ୍ଟୋରେଟିଭ୍ ଜଷ୍ଟିସ୍ ପ୍ରକ୍ରିୟାରେ ଅପରାଧି ଏବଂ ଅପରାଧର ଶିକାର ହୋଇଥିବା ବ୍ୟକ୍ତି ମଧ୍ୟରେ ସଂପର୍କର ପୁନଃସ୍ଥାପନ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ଆରମ୍ଭରେ ସ୍ନେହ ଆନୁଷ୍ଠାନର ଉପଦେଷ୍ଟା ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ପଣ୍ଡା ରେଷ୍ଟୋରେଟିଭ୍ ଜଷ୍ଟିସ୍ ଦ୍ୱାରା ଅପରାଧି, ପୀଡିତ ଏବଂ ଗୋଷ୍ଠୀ ମଧ୍ୟରେ ଅପରାଧ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ସଂପର୍କକୁ କିଭଳି ପୁନଃସ୍ଥାପନ କରାଯାଇ ସମସ୍ତଙ୍କର ଆବଶ୍ୟକତା ପୁରଣ କରିହେଉଛି, ସେ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ପୋଲିସ୍ ଅଧିକାରୀ, ଆଇନଜୀବି ଇତ୍ୟାଦି ଭାଗନେଇଥିଲେ । ସ୍ନେହ ଅନୁଷ୍ଠାନର ସଭାନେତ୍ରୀ ଶ୍ରୀମତୀ ସୁବର୍ଣ୍ଣା ଘୋଷ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ଏବଂ ଅଂଶଗ୍ରହଣକାରୀ ମାନଙ୍କୁ ସ୍ୱାଗତ କରିଥିଲେ । ପ୍ରକଳ୍ପ ସଂଯୋଜକ ଶ୍ରୀ ପ୍ରଶାନ୍ତ କୁମାର ପ୍ରଧାନ ଏବଂ ସହଯୋଗୀ ଶ୍ରୀ ଦିବାକର ମାହାଳି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ କଲିକତାର ମେନୋନାଇଟ୍ ସେଂଟ୍ରାଲ୍ କମିଟି (ଏମ୍. ସି. ସି) ଏବଂ ସ୍ନେହ ମିଳିତ ଭାବେ ଆୟୋଜନ କରିଛନ୍ତି । ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଅକ୍ଷୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜେଲ ସଂସ୍କାର ନିମନ୍ତେ କାର୍ଯ୍ୟକରି ରାଷ୍ଟ୍ରପତି ପୁରଷ୍କାର ପ୍ରାପ୍ତ ଶ୍ରୀ ସତ୍ୟ ପ୍ରକାଶ ସ୍ୱାଇଁ ଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯିବା ସଙ୍ଗେ ସଙ୍ଗେ ମହା ମହିମା ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦି ମୁର୍ମୁ ଙ୍କ ଦ୍ୱାରା ଜେଲ ରେ ରହୁଥିବା ବନ୍ଦୀ ମାନଙ୍କ ମୁକ୍ତି ନିମନ୍ତେ ଆଲୋଚନା କରାଯାଇଥିଲା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray